ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୧୭ ସେପ୍ଟେମ୍ବର, ୨୦୧୯



## ସଂକ୍ଷେପରେ

### ମଦ ପିଇ ଗାଡ଼ି ଚଳାଉଥିବା ୩ ଯୁବକ ଗିରଫ

କୁଜଙ୍ଗ,୧୬।୯(ସ୍ୱ.ପ୍ର.): ମଦ୍ୟପାନ ପରି ଗାଡ଼ିଚାଳନା କରୁଥିବା ୩ଜଣ ଯୁବକଙ୍କୁ କୁଜଙ୍ଗ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ କୁଜଙ୍ଗ ପାରିଅଙ୍ଗ ଗ୍ରାମର ମାନସ ଓଝା, ପ୍ରଣୟ ଖଟୁଆ, ବଡବୁଦାର ଅନିଲ ବେହେରା।

### ୧୬ ଘଣ୍ଟା କାମକୁ ଶ୍ରମିକଙ୍କ ବିରୋଧ

ପାରାଦୀପ,୧୬।୯(ସ୍ୱ.ପ୍ର.): ପାରାଦୀପ ବନ୍ଦରରେ ଥିବା ବ୍ୟବହାରକାରୀ ସଂସ୍ଥାମାନେ ୨୦୧୮ ଏପ୍ରିଲ୍ ପୂର୍ବରୁ ଶ୍ରମିକଙ୍କୁ ୧୨ରୁ ୧୮ଘଣ୍ଟା ଖଟାଉଥିଲେ। ଏସମ୍ପର୍କରେ କର୍ମଚାରୀ ଓ ଶ୍ରମିକ ମିଳିତ ମଞ୍ଚ ପକ୍ଷରୁ ଦୀର୍ଘ ଆନ୍ଦୋଳନ ପରେ ୧/୪/୨୦୧୮ରେ ୮ଘଣ୍ଟା କାର୍ଯ୍ୟ ଦିବସ ଲାଗୁ ହୋଇଥିଲା। ହେଲେ ଏବେ ଏକ ସଂସ୍ଥା ଚଞ୍ଚକତା କରି ଶ୍ରମିକଙ୍କୁ ଦିନକୁ ୧୬ ଘଣ୍ଟା କାମରେ ଲଗାଉଛି। ଘଟଣା ସମ୍ପର୍କରେ ସୋମବାର କର୍ମଚାରୀ ଓ ଶ୍ରମିକ ମିଳିତ ମଞ୍ଚ ସଭାପତି ଅଭୟ ସାହୁ କେନ୍ଦ୍ରୀୟ ଶ୍ରମ ପ୍ରବର୍ତ୍ତନ ଅଧିକାରୀ, ବନ୍ଦର କର୍ତ୍ତୃପକ୍ଷ, ଜିଲା ଓ ପୋଲିସ ପ୍ରଶାସନଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ସମ୍ପୃକ୍ତ କମ୍ପାନୀ ଦିନରେ ପ୍ରଥମ ସିଫ୍ଟରେ ୮ ଘଣ୍ଟା କାମ କରାଇବା ପରେ ଛୁଟି କରୁଛି। ପୁଣି ସେହି ଶ୍ରମିକଙ୍କୁ ୮ ଘଣ୍ଟା ବିଶ୍ରାମ ପରେ ରାତି ସିଫ୍ଟରେ ଲଗାଉଛି। ରୋଟେସନ ଭିତରେ ଏମିତି ଦୈନିକ ୧୬ ଘଣ୍ଟା କାମରେ ନିୟୋଜିତ କରାଯାଉଛି। ଏମିତି ଶ୍ରମିକ ଶୋଷଣ ସମ୍ପର୍କରେ ସୁଧାର ନ ଆସିଲେ ପୁଣି ଆନ୍ଦୋଳନ ମୁଣ୍ଡ ଟେକିବ ବୋଲି ସଭାପତି ଚେତାବନୀ ଦେଇଛନ୍ତି।

### ପ୍ରଧାନଶିକ୍ଷକ ସମ୍ମିଳନୀ

ନାଉଗାଁ,୧୬।୯(ସ୍ୱ.ପ୍ର.): ନାଉଗାଁହାଟ ଉଚ୍ଚ ବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ବାଇଧର ତ୍ରିପାଠୀଙ୍କ ଅଧକ୍ଷତାରେ ବ୍ଲକସ୍ତରୀୟ ପ୍ରଧାନଶିକ୍ଷକ ସମ୍ମିଳନୀ ସୋମବାର ଅନୁଷ୍ଠିତ ହୋଇଛି। ସମ୍ମିଳନୀରେ ବ୍ଲକ ଅଧୀନ ସମସ୍ତ ସ୍କୁଲ ପ୍ରଧାନଶିକ୍ଷକ ଯୋଗ ଦେଇଥିଲେ। ନୂତନ ଭାବେ ଯୋଗ ଦେଇଥିବା ଗୋଷ୍ଠୀ ଶିକ୍ଷାଧିକାରୀ ମାଗୁଣୀ ଚରଣ ମହାନ୍ତିଙ୍କୁ ଉପସ୍ଥିତ ପ୍ରଧାନଶିକ୍ଷକମାନେ ସମ୍ବର୍ଦ୍ଧିତ କରିଥିଲେ। ବିଇଓ ମହାନ୍ତି ସମସ୍ତ ପ୍ରଧାନଶିକ୍ଷକଙ୍କୁ ଉଚ୍ଚମାନର ଶିକ୍ଷାଦାନ, ମଧ୍ୟାହ୍ନଭୋଜନର ସୁପରିଚାଳନା ଓ ବିଦ୍ୟାଳୟରେ ସ୍ୱଚ୍ଛତା ଉପରେ ଗୁରୁତ୍ୱଦେବାକୁ ପରାମର୍ଶ ଦେଇଥିଲେ। ଶିକ୍ଷା, ସ୍ୱଚ୍ଛତା, ଗାରିମା ଆୱାର୍ଡ, ସୈନିକ ସ୍କୁଲ ପ୍ରବେଶ ପରୀକ୍ଷା, ନବୋଦୟ ପ୍ରବେଶ ପରୀକ୍ଷା, ସ୍କୁଲ ବ୍ୟାଗ ଓଜନ ହ୍ରାସ ଭଳି କେତେକ ବିଷୟ ଉପରେ ୟୁନିସେଫ ପ୍ରତିନିଧିଙ୍କ ଦ୍ୱାରା ଆଲୋଚନା କରାଯାଇଥିଲା। ଶୁଭେନ୍ଦୁ ବରାଳ, ପୁନମ ବିଶ୍ୱାଳଙ୍କ ସହିତ ସମସ୍ତ ସିଆରସିସି ଉପସ୍ଥିତ ଥିଲେ।

### ପାରାଦୀପ ବନ୍ଦରର ସ୍ୱଚ୍ଛତା ପକ୍ଷ ଆରମ୍ଭ

ପାରାଦୀପ,୧୬।୯(ସ୍ୱ.ପ୍ର.): ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ସୋମବାର ସ୍ୱଚ୍ଛତା ପକ୍ଷ ଆରମ୍ଭ ହୋଇଛି। ଏହା ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ପାରାଦୀପ ସାକ୍ଷରତା ସମିତି ପକ୍ଷରୁ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାଙ୍କୁ ନେଇ ସଚେତନତା ଶୋଭାଯାତ୍ରା କରାଯାଇଛି। ଏଥିସହ ପ୍ଲାଷ୍ଟିକ୍ ୱେଷ୍ଟ ମ୍ୟାନେଜମେଣ୍ଟ ଉପରେ ବ୍ୟାପକ କାର୍ଯ୍ୟକ୍ରମ କରାଯିବ। ବନ୍ଦରର ସବୁ ବିଭାଗ କର୍ମଚାରୀଙ୍କୁ ପ୍ଲାଷ୍ଟିକ ବ୍ୟବହାର ନ କରିବା ପାଇଁ କୁହାଯିବ। ବନ୍ଦର ଅଧକ୍ଷ ରିଙ୍କେଶ ରାୟ ପତାକା ଦେଖାଇ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ।

### ଭାଗବତ ଗୋଷ୍ଠୀ କେନ୍ଦ୍ର ଉଦ୍‌ଘାଟିତ

ବାଲିଆ,୧୬।୯: ବିରିଡି ବ୍ଲକ ଶଢେଇଶାସନ ପଞ୍ଚାୟତ ଚେକାମାଳର ମା' ଗାୟତ୍ରୀ ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ନିର୍ମିତ ଭାଗବତ ଗୋଷ୍ଠୀକେନ୍ଦ୍ର ଉଦ୍‌ଘାଟିତ ହୋଇଛି। ଶଢେଇଶାସନ ସରପଞ୍ଚ ଅମିତ ରାଉଳ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସ୍ୱୟଂ ସହାୟକ ଗୋଷ୍ଠୀ ସଭାପତି ସବିତାବାଳା ସାହୁ, ସମ୍ପାଦିକା ନିରୁପମା ସାହୁ, କୋଷାଧକ୍ଷା ସଞ୍ଜିତା ସାହୁ, ସଭ୍ୟା ନଳିନୀ ସାହୁ, ଶସ୍ମିତା ସାହୁ, ଶ୍ରଦ୍ଧାଞ୍ଜଳି ସାହୁ, ନିହାରିକା ପୃଷ୍ଟି, ଅହଲ୍ୟା ସାହୁ ଓ ନିର୍ମଳା ସାହୁ ପ୍ରମୁଖ ୧୩ ସଭ୍ୟା ଉପସ୍ଥିତ ଥିଲେ। ଚର୍ତ୍ତୁଦ୍ଦଶ ଅର୍ଥ କମିଶନ ଅର୍ଥରୁ ୨ଲକ୍ଷ ଟଙ୍କା ବ୍ୟୟରେ ଏହି ଗୋଷ୍ଠୀ କେନ୍ଦ୍ରକୁ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟ ନିର୍ମାଣ କରିଛନ୍ତି।

# ଆକର୍ଷଣ ସାଜିବ ୨୯ ତୋରଣ

ପାରାଦୀପ,୧୬।୯(ସ୍ୱ.ପ୍ର.)

ପାରାଦୀପ ବନ୍ଦର ଭିତ୍ତିକ ଶିଳ୍ପାଞ୍ଚଳରେ ମଙ୍ଗଳବାରରୁ ବିରାଜିବେ ପ୍ରଭୁ ବିଶ୍ୱକର୍ମା। ଓଡ଼ିଶା ପ୍ରସିଦ୍ଧ ଏହି ପୂଜା ପାଇଁ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଏହି ପୂଜା ୭ଦିନ ଧରି ଅର୍ଥାତ୍ ଆସନ୍ତା ୨୩ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ପାଗ ଅନୁକୂଳ ଥିବାରୁ ପୂଜାରେ ଲକ୍ଷାଧିକ ଲୋକଙ୍କ ଗହଳି ହେବ ବୋଲି ଆକଳନ କରାଯାଉଛି। ପୂଜାରେ ୨୯ଟି ତୋରଣ ବେଶ ଆକର୍ଷଣ ସାଜିବ। ସେଥିରୁ ୧୫ଟି ବୃହତ୍ ତୋରଣ ରହିଛି ବଡ଼ପଡ଼ିଆ ଥାନା ଛକଠାରୁ ବ୍ୟାଙ୍କ ଲେନ୍ ଓ ଡୋଟେଲ ଛକ ପର୍ଯ୍ୟନ୍ତ। ପ୍ରାୟ ପୂଜା କମିଟି ୨୦ରୁ ୫୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ କରୁଛନ୍ତି। ଚଳିତ ପୂଜାରେ ତୋରଣ ଆକର୍ଷଣ ମଧ୍ୟରେ ରହିଛି ମନମନ୍ଦିର, ଦଶାବତାର, ପ୍ୟାଲେସ, ଜାନକୀନାଥ ମନ୍ଦିର, ଫଳରେ ନିର୍ମିତ ତୋରଣ, ରୁଦ୍ରାକ୍ଷ ଓ ଝାଉଁ ତୋରଣ ଏବଂ ଧରିତ୍ରୀ ମା' ପୃଥିବୀକୁ ମୁଣ୍ଡରେ ଧରିଥିବା କଳାକୃତି। ଅପରାହ୍ନ ୩ଟାରୁ ରାତି ୧୧ଟା ପର୍ଯ୍ୟନ୍ତ ପୂଜା ମଣ୍ଡପ ଅଞ୍ଚଳରେ ଜରୁରୀକାଳୀନ ଗାଡି ବ୍ୟତୀତ ଅନ୍ୟ ଗାଡି ଚଳାଚଳ ଉପରେ କଟକଣା ଲାଗୁ କରାଯାଇଛି। ପୌରପାଳିକା ପକ୍ଷରୁ ମଣ୍ଡପ ମଧ୍ୟସ୍ଥଳରେ ଏକ ବହୁବିଧ ଷ୍ଟଲ ଖୋଲାଯାଇଛି। ସେଠାରେ ସୂଚନାକେନ୍ଦ୍ର, ମେଡିକାଲ ଟିମ୍, ଆମ୍ବୁଲାନ୍ସ, ଅଗ୍ନିଶମ ଗାଡି, ପୋଲିସ କଣ୍ଟ୍ରୋଲ ରୁମ୍, ଖବରଦାତାଙ୍କ ପାଇଁ ପ୍ରକୋଷ୍ଠ ଖୋଲାଯାଇଛି। ବୃହତ୍ ପୂଜା କମିଟି ମଧ୍ୟରେ ଅଛନ୍ତି ଜଗତ୍‌ସିଂହପୁର ଜିଲା ଟ୍ରକ ମାଲିକ ସଂଘ, ପାରାଦୀପ ଟ୍ରକ ମାଲିକ ସଂଘ, ଜଗନ୍ନାଥ ଟ୍ରକ ମାଲିକ ସଂଘ, ବାବା ବିଶ୍ୱନାଥ ଡମ୍ଫର ମାଲିକ ସଂଘ, ପାରାଦୀପ ଡମ୍ଫର ମାଲିକ ସଂଘ, ୱାର୍କସ ୟୁନିୟନ, ଉତ୍କଳ ପୋର୍ଟ ଆଣ୍ଡ ଡକ୍ ମଜଦୁର ୟୁନିୟନ୍, ବନ୍ଦର ଡକ୍ ଆଣ୍ଡ ମଜଦୁର ୟୁନିୟନ୍, ପାରାଦୀପ ଏରସମା ଶିଳ୍ପାଞ୍ଚଳ ଶ୍ରମିକ ସଂଘ, ପାରାଦୀପ ଶିଳ୍ପାଞ୍ଚଳ ଯୁବ ବିକାଶ ପରିଷଦ, ପୂର୍ବ ଭାରତ ତୈଳ ବିଶୋଧନାଗାର ଶ୍ରମିକ ସଂଘ, ପୂର୍ବ ଓଡ଼ିଶା ଶିଳ୍ପାଞ୍ଚଳ ଯୁବ ବିକାଶ ପରିଷଦ, ପାରାଦୀପ ବନ୍ଦର ମେରାନ୍ ବିଭାଗ, ଜନସ୍ୱାସ୍ଥ୍ୟ ବିଭାଗ, ବିଦ୍ୟୁତ୍ ବିଭାଗ, ଟ୍ୟାକ୍ସି ଚାଳକ ସଂଘ, ମାଛଧରା ଟ୍ରଲର ମେକାନିକ୍ ସଂଘ ପ୍ରମୁଖ।

**ଆଜି ବିରାଜିବେ ବିଶ୍ୱକର୍ମା**



ପାରାଦୀପ-ଏରସମା ଶିଳ୍ପାଞ୍ଚଳ ଶ୍ରମିକ ସଂଘ ତୋରଣ

## ଧରିତ୍ରୀ ମା' ତୋରଣ

ପାରାଦୀପ ଟ୍ରକ ମାଲିକ ସଂଘର ଚଳିତ ବର୍ଷ ତୋରଣ ଆକର୍ଷଣ ରହିଛି ଧରିତ୍ରୀ ମା' ପୃଥିବୀକୁ ମୁଣ୍ଡରେ କିପରି ରଖିଛନ୍ତି। ପ୍ରାୟ ୨୭ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏହି ତୋରଣ ଏଥର ପ୍ରମୁଖ ଆକର୍ଷଣ ସାଜିବ। ପୃଥିବୀ ପୃଷ୍ଠରେ ମାନବଜାତି ଯେପରି ଭୟଙ୍କର ପରିବେଶ ସୃଷ୍ଟି କଲେଣି ତାହା ଆଗାମୀ ଦିନ ପାଇଁ ବିପଦ ସାଜିଛି। ସେହି ପୃଥିବୀକୁ ମୁଣ୍ଡାଇଥିବା ଧରିତ୍ରୀ ମା' କ୍ରନ୍ଦନରତ ମୁଦ୍ରାରେ ଅଛନ୍ତି। କାରିଗରଙ୍କ ଏପରି କଳାକୃତି ସମସ୍ତଙ୍କୁ ଆକୃଷ୍ଟ କରୁଛି। ଏହି ପୂଜା ଗତ ୨୫ ବର୍ଷ ହେଲା ସଂଘ କରୁଛି ବୋଲି ସଭାପତି ସୁମନ୍ତ କୁମାର ବିଶ୍ୱାଳ କହିଚନ୍ତି। ଏଥିସହ ଆଭ୍ୟନ୍ତରୀଣ ସାଜସଜ୍ଜା, ପାର୍ଶ୍ୱମୂର୍ତ୍ତି, ବାହାରେ ସାମାଜିକ ସଚେତନତା ସାଂସ୍କୃତିକ କାର୍ଯ୍ୟକ୍ରମ ଆଦି କରାଯାଇଛି।

## ବାହୁବଳୀ ପରେ ଏବେ ଜାନକୀନାଥ ମନ୍ଦିର

ପାରାଦୀପ-ଏରସମା ଶିଳ୍ପାଞ୍ଚଳ ଶ୍ରମିକ ସଂଘର ପୂଜା ଚଳିତ ବର୍ଷ ସାମାନ୍ୟ ଫିକା ପଡ଼ିଯାଇଛି। ୨୦୦୫ରୁ ଏହି ସଂଘ ବିଶାଳ ତୋରଣ, କଳସଯାତ୍ରା, ମେଲୋଡିକୁ ନେଇ ଚର୍ଚ୍ଚାରେ ଥାଏ। ସଂଘ ସଭାପତି ଅରିନ୍ଦମ ସର୍ଖେଲ (ବାପି)ଙ୍କ ଆଧିପତ୍ର ପୂଜାରେ ଦେଖିବାକୁ ମିଳିଥାଏ। ଗତବର୍ଷ ବିଶାଳ ବାହୁବଳୀ ତୋରଣ କରାଯାଇଥିଲା। ଚଳିତବର୍ଷ ସେହି ସ୍ଥାନରେ ଜାନକୀନାଥ ମନ୍ଦିର ଆକୃତି ତୋରଣ କରାଯାଇଛି। ଚଳିତବର୍ଷ ପୂଜା ଖର୍ଚ୍ଚ ୪ରୁ ୫ ଲକ୍ଷ ଟଙ୍କା ମଧ୍ୟରେ ହେବ ବୋଲି ସଂଘ ସମ୍ପାଦକ ସମୀର ବିଶ୍ୱାଳ କହିଛନ୍ତି। କଂଗ୍ରେସରୁ ଟିକେଟ ପାଇ ବାପି ଦୁଇଥର ପରାଜିତ ହେବା ପରେ ତାଙ୍କର ପୂର୍ବର ଚମକରେ ମଳିନ ପଡିଯାଇଛି। ଯାହାର ପ୍ରଭାବ ପୂଜାରେ ଦେଖିବାକୁ ମିଳିଛି। ତଥାପି ପୂଜାରେ ପୂର୍ବଭଳି କଳସଯାତ୍ରା, ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଅନ୍ୟ କାର୍ଯ୍ୟକ୍ରମ କରାଯିବ। ସାମାଜିକ ବାର୍ତ୍ତା ଭାବେ ଶ୍ରମିକମାନଙ୍କ ସୁରକ୍ଷା, ନିରାପତ୍ତା, ଶାନ୍ତିଶୃଙ୍ଖଳା ରକ୍ଷା କରିବା ଏବଂ ପରିବେଶ ସନ୍ତୁଳନ କ୍ଷେତ୍ରରେ ସମସ୍ତେ ଚେଷ୍ଟା କରିବା ବାର୍ତ୍ତା ଦିଆଯାଇଛି।



ମାଛଧରା ଟ୍ରଲର ମାଲିକ ସଂଘ ତୋରଣ



ଜଗନ୍ନାଥ ଟ୍ରକ ମାଲିକ ସଂଘ



ପାରାଦୀପ ଟ୍ରକ ମାଲିକ ସଂଘ ପକ୍ଷରୁ ନିର୍ମିତ ତୋରଣ

# ଏଟିଏମ୍‌ରୁ ଲୁଟ୍ ଉଦ୍ୟମ

ପାରାଦୀପ,୧୬।୯(ସ୍ୱ.ପ୍ର.)

ପାରାଦୀପ ବନ୍ଦର ସହରରେ ଏବେ ପୂଜାର ମାହୋଲ। ଚାରିଆଡ଼େ ପୋଲିସ, ସୁରକ୍ଷା ସତର୍କତା ପାଇଁ ସିସିଟିଭି, ଟ୍ରାଫିକ ଚେକିଂ ଆଦି ଚାଲିଛି। ଏହାସତ୍ତ୍ୱେ କେତେକ ଲୁଟେରା ପାରାଦୀପ ମଡେଲ ଥାନା ଅନ୍ତର୍ଗତ ବନ୍ଦର ପ୍ରଶାସନିକ ଭବନ ପରିସରରେ ଥିବା କାନାଡ଼ା ବ୍ୟାଙ୍କ ଏଟିଏମ୍‌ରୁ ରବିବାର ରାତିରେ ଲୁଟ୍ ଉଦ୍ୟମ କରିଛନ୍ତି। ହେଲେ ଟଙ୍କା ନେବାରେ ବିଫଳ ହେବାରୁ ସେମାନେ ଏଟିଏମ୍‌ରେ ଥିବା କମ୍ପ୍ୟୁଟର, ସାଇଟରେ ଥିବା ଲୁହାରଡ ଆଦି ଭାଙ୍ଗି ପଳାଇଛନ୍ତି। ଏନେଇ ବ୍ୟାଙ୍କ କର୍ତ୍ତୃପକ୍ଷ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ସୋମବାର ସକାଳୁ ଲୋକେ ଏଟିଏମ୍‌ରୁ ଟଙ୍କା କାଢ଼ିବା ପାଇଁ ଗଲାବେଳେ ଏହା ଜଣା ପଡ଼ିଥିଲା। ଗ୍ରାହକମାନେ ଏ ସମ୍ପର୍କରେ ବ୍ୟାଙ୍କ ମ୍ୟାନେଜର ମନୋରଞ୍ଜନ ମହାନ୍ତିଙ୍କୁ ଜଣାଇବାରେ ବ୍ୟାଙ୍କ କର୍ମଚାରୀ ଆସି ମେଶିନରୁ ଟଙ୍କା ଖାଲି କରିଥିଲେ। ଟଙ୍କା ଚୋରି ହୋଇ ନ ଥିବା ବ୍ୟାଙ୍କ କର୍ତ୍ତୃପକ୍ଷ କହିଛନ୍ତି। ଏ ସମ୍ପର୍କରେ ଥାନାଧିକାରୀ ରଜନୀକାନ୍ତ ସାମଲ କୁହନ୍ତି, କେହି ମେଶିନ ପାଖକୁ ଯାଇ ନାହାନ୍ତି। ବାହାରୁ ଥାଇ ଇଟା ଖଣ୍ଡ କମ୍ପ୍ୟୁଟର ଉପରକୁ ପକାଇବାରୁ ତାହା ଭାଙ୍ଗିଯାଇଛି। ତଥାପି ଆମେ ସିସିଟିଭି ଦେଖି ସେ ଦିଗରେ ତଦନ୍ତ କରୁଛୁ।

## ବିଷ ପିଇ ଜଣଙ୍କ ଆତ୍ମହତ୍ୟା

ଏରସମା,୧୬।୯(ସ୍ୱ.ପ୍ର.)

ଏରସମା ଥାନା ଆମ୍ବିକି ପଞ୍ଚାୟତ କାଙ୍କଣ(ପାଟଣା)ଗ୍ରାମରେ ପାରିବାରିକ କଳହରୁ ଜଣେ ବ୍ୟକ୍ତି ବିଷପିଇ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ବିନୟ ପାତ୍ର। ସ୍ତ୍ରୀଙ୍କ ସହିତ କୌଣସି ଘଟଣାକୁ ନେଇ ଝଗଡା ହେବାରୁ ୧୫ ତାରିଖରେ ବିନୟ ବିଷପିଇ ଘରକୁ ଆସୁଥିଲେ। ଆମ୍ବିକି ପାଟଣା ରାସ୍ତାରେ ପଡିଯାଇଥିଲେ। ତାଙ୍କ ପାଟିରୁ ଲାଳ ବାହାରୁଥିଲା। ସେ ବିଷ ପିଇଥିବା ପ୍ରକାଶ କରିଥିଲେ। ତାଙ୍କୁ ଏରସମା ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା। ଅବସ୍ଥା ସଙ୍କଟାପର୍ଣ୍ଣ ହେବାରୁ ପରେ ଜିଲା ସ୍ୱାସ୍ଥ୍ୟକେନ୍ଦ୍ର ଓ ଶେଷରେ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ସୋମବାର ତାଙ୍କର ମୃତ୍ୟୁ ହୋଇଛି। ଏରସମା ପୋଲିସ ଅପମୃତ୍ୟୁ ମାମଲା ନଂ-୭/୧୯ରୁଜୁ କରିଥିବା ତଦନ୍ତକାରୀ ଅଧିକାରୀ ଦୀପ୍ତିରାଣୀ ବିଶ୍ୱାଳ ସୂଚନା ଦେଇଛନ୍ତି।

# ମହିଳାଙ୍କ ଦ୍ୱାରା ସ୍କୁଲ ରାସ୍ତା ସଫେଇ: ସାମିଲ ହେଲେ ଏମ୍‌ପି

ବିରିଡି,୧୬।୯(ଡି.ଏନ.ଏ)

ବିରିଡ଼ି ବ୍ଲକ ଅଧୀନ ୨୨ ମୌଜା ବମ୍ପିଲୋ ପ୍ରାଥମିକ ବିଦ୍ୟାଳୟ ରାସ୍ତା ଓ ଚତୁଃପାର୍ଶ୍ୱରେ ଜଙ୍ଗଲ ଭଳି ଗଛ ମାଡି ଛାତ୍ରୀଛାତ୍ରଙ୍କ ଯାତାୟାତରେ ବାଧା ସୃଷ୍ଟି ହେଉଥିଲା। ଏହା ଦେଖି ଗ୍ରାମର ମହିଳାମାନେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ପରେ ଏହାକୁ ସଫା କରିବା ପାଇଁ ଅଣ୍ଟା ଭିଡିଥିଲେ। ସେମାନଙ୍କ ସହ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ ଜଗତ୍‌ସିଂହପୁର ଏମପି ଡା. ରାଜଶ୍ରୀ ମଲ୍ଲିକ। ସୋମବାର ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗୁଞ୍ଜି ଓ ବସୁମାତା ଅନୁଷ୍ଠାନ ମଙ୍ଗୁଲିର ସହଯୋଗରେ ବାସନ୍ଦରା ପଞ୍ଚାୟତ ଅଧୀନ ବମ୍ପିଲୋ ବାଇପଦା ସହ କେତେକ ଗ୍ରାମର ମହିଳା ମିଶି ସ୍କୁଲ ରାସ୍ତା ଓ ଚତୁଃପାର୍ଶ୍ୱରେ ଅନାବନା ଗଛଗୁଡିକୁ କାଟିଥିଲେ। ଗୁଞ୍ଜିର ରାଜ୍ୟ ସଂଯୋଜକ ସୁରେଶ କୁମାର ଓ ବସୁମାତାର ସମ୍ପାଦକ ଗୟାଧର ମହାନ୍ତି ଉପସ୍ଥିତ ରହି ସୋମନଙ୍କ କାର୍ଯ୍ୟରେ ସହଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାସନ୍ଦରା ଗ୍ରାମପଞ୍ଚାୟତ ଫେଡେରେସନର ସଭାନେତ୍ରୀ ମାହେଶ୍ୱତା ଜେନା, ବୈଜୟନ୍ତୀ ମହାନ୍ତି, ମାନସୀ ଜେନା, ନିରୁପମା ସାହୁ, ସଞ୍ଜିତା ସାହୁ, ସମିତିସଭ୍ୟା ମିନତୀ ମଲ୍ଲିକ, ବ୍ଲକର ବିଜେଡି ସଭାପତି ରବିନ୍ଦ୍ର ନାଥ ରାଉଳ, ଶିବ ପ୍ରସାଦ ଜେନା, ଲକ୍ଷ୍ମୀକାନ୍ତ ମହାନ୍ତି, ସରପଞ୍ଚ ପୁଷ୍ପ ପ୍ରକାଶ ପ୍ରଧାନ, ଜ୍ଞାନ ରଞ୍ଜନ ଜେନା ପ୍ରମୁଖ ଯୋଗ ଦେଇଥିଲେ।



ମହିଳାଙ୍କ ସହ ଏମ୍‌ପି ରାଜଶ୍ରୀ ମଲିକ ସଫେଇ କାର୍ଯ୍ୟରେ ସାମିଲ ହୋଇଛନ୍ତି।

## ପଞ୍ଚାୟତ ପିଅନ ବାଣ୍ଟିଲେ ଭତ୍ତା

# ଆସିଲେନି ଅଧିକାରୀ



ପଞ୍ଚାୟତ କାର୍ଯ୍ୟାଳୟ ପିଅନ ଭତ୍ତା ବଣ୍ଟନ ପାଇଁ ବସିଛନ୍ତି।

ନାଉଗାଁ,୧୬।୯(ସ୍ୱ.ପ୍ର.)

ନାଉଗାଁ ବ୍ଲକ ଓଷକଣା ପଞ୍ଚାୟତ ଭଟଣା ଗ୍ରାମରେ ସୋମବାର ଭତ୍ତା ବଣ୍ଟନ କରାଯାଇଛି। ଏହି ପଞ୍ଚାୟତର ଭତ୍ତା ବଣ୍ଟନ ପାଇଁ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଦୀପକ ଦେଶୋରୀଙ୍କ ପଞ୍ଚାୟତ ଜମାଖାତାରେ ୩ଲକ୍ଷ ୨୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଭତ୍ତା ନେବା ପାଇଁ ହିତାଧିକାରୀ ଉପସ୍ଥିତ ଥିବାବେଳେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଦେଖା ମିଳି ନ ଥିଲା। ଫଳରେ ପଞ୍ଚାୟତ ପିଅନ ପୂର୍ଣ୍ଣଚନ୍ଦ୍ର ପଣ୍ଡା ଭତ୍ତା ବାଣ୍ଟୁଥିବା ଦେଖିବାକୁ ମିଳିଥିଲା। ପିଅନ ଭତ୍ତା ବାଣ୍ଟିବାର ନିୟମ ନ ଥିବା ବେଳେ ସେ କାହା ନିର୍ଦ୍ଦେଶରେ ଏହି କାର୍ଯ୍ୟକଲେ ତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ପ୍ରତିକ୍ରିୟା ନିମନ୍ତେ ବିଡିଓ ରଶ୍ମିରେଖା ମଲିକଙ୍କ ସହ ଯୋଗାଯୋଗ କରାଯାଇଥିଲା। ହେଲେ ସେ ଫୋନ୍ ଉଠାଇ ନ ଥିଲେ। ସେହିପରି ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେଶୋରୀଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାଙ୍କ ମୋବାଇଲ ଫୋନ୍ ବନ୍ଦଥିଲା। ଏନେଇ ବ୍ଲକ ସମାଜ ମଙ୍ଗଳ ଅଧିକାରୀ ଦେବାଶଷ ସ୍ୱାଇଁଙ୍କୁ ପଚାରିବାରେ ପଞ୍ଚାୟତ ପିଅନମାନେ ଭତ୍ତାବଣ୍ଟନ କରିପାରିବେ ନାହିଁ। ଯାହା ନାମରେ ଭତ୍ତା ବଣ୍ଟନ ପାଇଁ ଆଲର୍ଟ କରାଯାଇଥିବ ସେମାନେ ବଣ୍ଟନ କରିବେ। ତେଣୁ ଏଠାରେ ଯଦି ସେପରି କିଛି ଘଟିଛି ତାହା ମୋତେ ଜଣାନାହିଁ। କ'ଣ ହୋଇଛି ଜାଣିଲା ପରେ ପଦକ୍ଷେପ ନେବି ବୋଲି ପ୍ରକାଶ କରିଥିଲେ। ପଞ୍ଚାୟତ ପିଅନଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାଙ୍କ ଫୋନ୍ ବନ୍ଦ ଥିବାରୁ ପ୍ରତିକ୍ରିୟା ମିଳି ପାରି ନ ଥିଲା।

## ■ ଜିଲା ପ୍ରଶାସନର ଦୁର୍ଗାପୂଜା ପ୍ରସ୍ତୁତି ବୈଠକ

# ମଦ ଦୋକାନରେ ପିଓଏସ୍ ବ୍ୟବସ୍ଥା

■ଗୁରୁତ୍ୱପୂର୍ଣ୍ଣ ଟ୍ରାଫିକ ଛକରେ ରହିବ ବ୍ଲକର
■ପୂଜା କମିଟି ନେବେ ବିଦ୍ୟୁତ ସାର୍ଟିଫିକେଟ୍
■ପୂଜା ମଣ୍ଡପରେ ବାଜିବନି ଡିଜେ

ଜଗତ୍‌ସିଂହପୁର ଅଫିସ, ୧୬।୯

ଭାରତ ସରକାର ଡିଜିଟାଲ ପେମେଣ୍ଟ ଉପରେ ଗୁରୁତ୍ୱ ଦେଉଛନ୍ତି। ଏହି ଆଧାରରେ ଦଶହରା ସମୟରେ ଜଗତ୍‌ସିଂହପୁର ସହରରେ ଥିବା ମଦ ଦୋକାନଗୁଡିକରେ ପଏଣ୍ଟ ଅଫ ସେଲ୍ (ପିଓଏସ୍) ବ୍ୟବସ୍ଥା ହେବ। ଯଦ୍ୱାରା ମଦ ବିକ୍ରେତା ଅଜଥା ଲେଜର କାମରୁ ନିସ୍ତାର ପାଇବେ। ମଦ ବିକ୍ରିରେ କେତେ ଟଙ୍କା ଆସିଲା, ଗଲା ଏବଂ କର୍ମଚାରୀଙ୍କୁ କେତେ ଟଙ୍କା ଦରମା ଦିଆଗଲା ସେ ସବୁ କରିବାକୁ ପଡିବ ନାହିଁ। ଯେଉଁମାନେ ମଦ କିଣିବେ ସେମାନଙ୍କ ଯୋଗାଯୋଗ ସଂକ୍ରାନ୍ତୀୟ ତଥ୍ୟ ଓ କିଣା ଦର ସାର୍ବଜନିନ ହୋଇପାରିବ। ଏହାଦ୍ୱାରା ଚୋରି ରୋକାଯିବା ସହ ଟଙ୍କା ପରିଚାଳନାରେ ସହାୟକ ହୋଇପାରିବ। ରାବଣ ପୋଡି ଓ ଭସାଣି ଦିନ ଦେଶୀ ଓ ବିଦେଶୀ ମଦ ଦୋକାନ ବନ୍ଦ ରହିବ। ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହରେ ଦୁର୍ଗାପୂଜା ପାଳନ ନିମନ୍ତେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ପୌରୋହିତ୍ୟ କରି ଜଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଏହି ସୂଚନା ଦେଇଛନ୍ତି। ସେ କହିଥିଲେ, ଦଶହରାବେଳେ ସହରରେ ମଦୁଆଙ୍କୁ ଧରିବା ପାଇଁ ଗାଡି ବ୍ୟବସ୍ଥା ହେବ। ଗାଡିରେ ସ୍ୱତନ୍ତ୍ର ପୋଲିସ କର୍ମଚାରୀ ନିୟୋଜିତ ହେବେ। ସେମାନେ ପାଟ୍ରୋଲିଂ ସମୟରେ ଯେଉଁଠି ମଦୁଆଙ୍କୁ ଦେଖିବେ ଉଠାଇ ନେବେ। ସହରର ଗୁରୁତ୍ୱପୂର୍ଣ୍ଣ ଟ୍ରାଫିକ ପଏଣ୍ଟରେ ବ୍ଲକର (ଗାଡି ଧୀର ହେବା ଉଦ୍ଦେଶ୍ୟରେ)ରହିବ। ଜଗତ୍‌ସିଂହପୁରରେ ୨୩ଟି ପୂଜା କମିଟି ମେଢ କରୁଛନ୍ତି। ସେମାନେ ଆଗରୁ ବିଦ୍ୟୁତ୍ ସାର୍ଟିଫିକେଟ୍ ନେଉ ନ ଥିବା ବେଳେ ଚଳିତବର୍ଷ ପ୍ରଥମ ଥର ପାଇଁ ଏହା ପ୍ରଚଳନ ନିଷ୍ପତ୍ତି ହୋଇଛି। ପୂଜା କମିଟି ତରଫରୁ ବିଦ୍ୟୁତ ସଂଯୋଗ ପାଇଁ ଆବେଦନ କରାଯିବ। ସେସୁ ଇନସପେକ୍ଟର ମଣ୍ଡପ ବୁଲି ଅନୁଧ୍ୟାନ କଲାପରେ ସାର୍ଟିଫିକେଟ୍ ଦେବେ। ପୂଜା ମଣ୍ଡପରେ ଅଘଟଣ ହେଲେ ବୀମାଠାରୁ ଆରମ୍ଭ କରି ଆଇନଗତ ସହାୟତା ମିଳିବ। ଜଗତ୍‌ସିଂହପୁର ବସ୍ ଷ୍ଟପରେ ଅସ୍ଥାୟୀ ପରିଶ୍ରାଗାର କରାଯିବ। ବିଗତ ବର୍ଷଗୁଡିକରେ ମେଳଣ ସମୟରେ ଏକ ନିର୍ଦ୍ଦିଷ୍ଟ କେବୁଲ ସଂସ୍ଥା ଲାଇଭ୍ ଟେଲିକାଷ୍ଟ କରନ୍ତି। ସମ୍ପୃକ୍ତ ସଂସ୍ଥାକୁ ଏ ବାବଦ ଦେୟ ଜଗତ୍‌ସିଂହପୁର ପୌର ପରିଷଦ ଦେଇଥାଏ। କିନ୍ତୁ ଏହି ସଂସ୍ଥା ବେଆଇନ ଭାବେ ବିଦ୍ୟୁତ ଖୁଣ୍ଟରେ କେବୁଲ ନେଇଥିବାରୁ ମାଗଣାରେ ଲାଇଭ୍ ଟେଲିକାଷ୍ଟ କରିବ। ପରିଷଦ ଏଥିନେଇ ଅର୍ଥ ଦେବ ନାହିଁ। ଗତବର୍ଷ ପରି ଏ ବର୍ଷ ପୂଜା ମଣ୍ଡପଗୁଡିକରେ ଡିଜେ ବାଜିବ ନାହିଁ।

ଅକ୍ଟୋବର ୫ରୁ ୯ ପର୍ଯ୍ୟନ୍ତ ଦୁର୍ଗାପୂଜା ପାଳନ ହେଉଛି। ବୈଠକ ନିଷ୍ପତ୍ତି ଅନୁଯାୟୀ, ଅକ୍ଟୋବର ୮ରେ ଜିଲାପାଳଙ୍କ କାର୍ଯ୍ୟାଳୟ ପଡିଆରେ ବିନା ଆତସବାଜୀରେ ରାବଣ ପୋଡି ହେବ। ଭସାଣି ଉତ୍ସବ ୯ରେ କରାଯିବ। ମୂର୍ତ୍ତି ବିସର୍ଜନ ନିମନ୍ତେ ୪ଟି ଅସ୍ଥାୟୀ ପୋଖରୀ ଖନନ କରାଯିବ। ଜଳସମ୍ପଦ, ରାସ୍ତା ଓ ଗୃହ, ଗ୍ରାମ୍ୟ ଉନ୍ନୟନ ଓ ଡ୍ରେନେଜ୍ ବିଭାଗ ପୋଖରୀ କାର୍ଯ୍ୟ ସମ୍ପାଦନ କରିବ। ଟାଉନ ହଲଠାରୁ ୧୦ ନମ୍ବର, ପୁରୋହିତପୁର ଛକରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଓ ଅତାମଲାରୁ ପୋଷ୍ଟ ଅଫିସ ଛକ ପର୍ଯ୍ୟନ୍ତ ରାସ୍ତା ଉପରେ ପ୍ରତିବନ୍ଧକ ସୃଷ୍ଟି କରୁଥିବା ଗଛର ଡାଳ କଟାଯିବ। ବିରିଡ଼ିଠାରୁ ସର୍କିଟ୍ ହାଉସ ପର୍ଯ୍ୟନ୍ତ, ଆଲିପିଙ୍ଗଳରୁ ପୋଷ୍ଟ ଅଫିସ, ୧୦ ନମ୍ବରରୁ ଚାଟରା ପୋଲ କେନାଲ ବନ୍ଧ, ଜିଲାପାଳଙ୍କ ବାସ ଭବନରୁ ଚର୍ଚ୍ଚିକା ବଜାର ଓ ଓହଳରୁ କୋର୍ଟ ଛକ ପର୍ଯ୍ୟନ୍ତ ରାସ୍ତା ମରାମତି ହେବ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ସଚ୍ଚିଦାନନ୍ଦ ସାହୁ, ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ପ୍ରକାଶ ଚନ୍ଦ୍ର ପାଲ, ଉପଜିଲାପାଳ ମହେନ୍ଦ୍ର ପ୍ରସାଦ ମହାନ୍ତି, ସମସ୍ତ ମେଢର କର୍ମକର୍ତ୍ତା, ଶାନ୍ତି କମିଟି ସଦସ୍ୟ, ବୁଦ୍ଧିଜୀବୀ, ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ କାର୍ଯ୍ୟସୂଚୀ ପାଠ ଓ ଶେଷରେ ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ପୀଡ଼ିତାଙ୍କ ନାମ ପ୍ରକାଶକୁ ଆଇଏଚ୍ଆର୍‌ସିର ବିରୋଧ

କେନ୍ଦ୍ରାପଡା ଅଫିସ, ୧୬।୯: ଗତ ୧୨ ତାରିଖରେ ମହାକାଳପଡ଼ା ବ୍ଲକ ନୀଳକଣ୍ଠେଶ୍ୱର ପ୍ରାଥମିକ ବିଦ୍ୟାଳୟର ଜନୈକା ଛାତ୍ରୀ ଅସଦାଚରଣର ଶିକାର ହୋଇଥିଲେ। ସମ୍ପୃକ୍ତା ଛାତ୍ରୀଙ୍କ ନାମ ପ୍ରକାଶ କରାଯାଇଥିବାରୁ ସ୍ଥାନୀୟ ବିଇଓଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ ଅନ୍ତର୍ଜାତୀୟ ମାନବାଧିକାର ପରିଷଦ (ଆଇଏଚ୍ଆର୍‌ସି) ପକ୍ଷରୁ ଦାବି କରାଯାଇଛି। ଏ ନେଇ ଜିଲା ସଭାପତି ପ୍ରତାପଚନ୍ଦ୍ର ପାଢ଼ୀ ଜିଲାପାଳଙ୍କୁ ସୋମବାର ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏ ସମ୍ପର୍କରେ ପାଢ଼ୀ କୁହନ୍ତି ଯେ, ବିଇଓ ଅଜୟ କୁମାର ପରିଡ଼ା ଏହି ଘଟଣାର ତଦନ୍ତ କରି ସମ୍ପୃକ୍ତ ଶିକ୍ଷକଙ୍କୁ କାର୍ଯ୍ୟରୁ ନିଲମ୍ବିତ କରିଛନ୍ତି। ତେବେ ତାଙ୍କ ନିର୍ଦ୍ଦେଶନାମା (୧୭୦୩)ରେ ପୀଡିତା ଛାତ୍ରୀଙ୍କ ନାମ ଉଲ୍ଲେଖ କରାଯାଇଛି। ଏହି ଚିଠି ସାର୍ବଜନୀନ ହେବା ପରେ ସମ୍ପୃକ୍ତା ଛାତ୍ରୀ ଲୋକଲଜ୍ଜାରେ ଘରୁ ବାହାରକୁ ବାହାରୁ ନାହାନ୍ତି। ବିଇଓ ପରିଡାଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରାଯାଇଥିବା ପାଢ଼ୀ ପ୍ରକାଶ କରିଛନ୍ତି।

### ସେବା ସପ୍ତାହ ଆରମ୍ଭ




ରାଜନଗର, ୧୬।୯ (ଡି.ଏନ୍.ଏ.): ସୋମବାରଠାରୁ ସେବାସପ୍ତାହ ଆରମ୍ଭ ହୋଇଛି। ଏ ନେଇ ରାଜନଗର ବ୍ଲକ ଭାରତୀୟ ଜନତା ପାର୍ଟି ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କ ଦୀର୍ଘାୟୁ କାମନା କରି ରାଜନଗର ହଂସୁଆନଦୀ ତଟବର୍ତ୍ତୀ ଶ୍ରୀଶ୍ରୀ ରାଘବେଶ୍ୱର ମନ୍ଦିରରେ ୬୯ ଦୀପ ପ୍ରଜ୍ୱଳନ କରାଯାଇଥିଲା। ବରିଷ୍ଠ ନେତା ଅଲେଖ କୁମାର ଜେନାଙ୍କ ନେତୃତ୍ୱରେ ଶତାଧିକ କର୍ମୀ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଏହି ଅବସରରେ ଭାଜପା କର୍ମୀମାନେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ସ୍ୱାସ୍ଥ୍ୟକେନ୍ଦ୍ର ପରିସର ସଫେଇ କରିଥିଲେ। ଏଥିରେ ବରିଷ୍ଠ ନେତା ଜେନାଙ୍କ ସେମତ ବରିଷ୍ଠ ନେତା କୈଳାସ ଚନ୍ଦ୍ର ପରିଡ଼ା, ଦିଲ୍ଲୀପ କୁମାର ପାତ୍ର, ଦିଲ୍ଲୀପ କୁମାର ରାଉତ, ପ୍ରଦୀପ କୁମାର ଦାସ, ଆଦିକନ୍ଦ ତ୍ରିପାଠୀ, ଜୟୀରାମ ରାଉତ, ଲୋଚନ ନାୟକ, ଧୀରେନ ପାତ୍ର, ରାଜୀବ ଲୋଚନ ନାୟକ, ରଞ୍ଜନ କୁମାର ପ୍ରଧାନ, ଅଭୟ ମଲ୍ଲିକ, ସୁବାସ ରାଉତ, ସୁକାନ୍ତ ସାହୁ, ସରୋଜ ରାଉତ, କିଶୋର ବରାଳ, ଜଗନ୍ନାଥ ରାଉତ, ସୁନାକର ରାଉତ, ଗୌରାଙ୍ଗ ଦାସ, ତପନ ପାଲ, ମହେନ୍ଦ୍ର ବଳ, ବ୍ରହ୍ମାନନ୍ଦ ଦାସ, ନୃସିଂହ ସାହୁ, ମାଧବାନନ୍ଦ ଭୂୟାଁ, ମହେନ୍ଦ୍ର ଭୂୟାଁ, ସହଦେବ ରାଉତ, ପୂର୍ଣ୍ଣଚନ୍ଦ୍ର ରାଉତ, ଉମାକାନ୍ତ ସେଠୀ, ଉତ୍ତମ ଦାସ, ଅନିରୁଦ୍ଧ ସ୍ୱାଇଁ, ପ୍ରଭାକର ପ୍ରଧାନ, ଅଲେଖ ମଳିକ, ଗୋଲେଖ ନାୟକ, ପୁରୁଷୋତ୍ତମ ରାଉତ, ଅର୍ଜୁନ ବିଶ୍ୱାଳ, ନିଗମ ଜେନା, ବାମଦେବ ଓଝା ପ୍ରମୁଖ ସାମିଲ ହୋଇଥିଲେ।

## ■ ସ୍କୁଲରେ ବଢୁଛି ଅସଦାଚରଣ ମାମଲା

# ନିଲମ୍ବନରେ ସୀମିତ ରହୁଛି କାର୍ଯ୍ୟାନୁଷ୍ଠାନ

- ■ ପୋକ୍‌ସୋ ଆକ୍ଟରେ କାର୍ଯ୍ୟାନୁଷ୍ଠାନ ନେଉନି ପୋଲିସ
- ■ ନୀରବଦ୍ରଷ୍ଟା ସାଜିଛି ଜିଲା ଶିଶୁ ମଙ୍ଗଳ କମିଟି (ସିଡବ୍ଲ୍ୟୁସି)
- ■ ଅଭିଯୁକ୍ତ ଶିକ୍ଷକଙ୍କୁ ନିଲମ୍ବନ କରି ମୁଣ୍ଡରୁ ଦୋଷ ଓହ୍ଲାଇ ଦେଉଛି ଶିକ୍ଷା ବିଭାଗ

କେନ୍ଦ୍ରାପଡା ଅଫିସ, ୧୬।୯

କେନ୍ଦ୍ରାପଡା ଜିଲାର ବିଭିନ୍ନ ସ୍କୁଲରେ ଅନେକ ସମୟରେ ନାବାଳିକା/ନାବାଳକ (ଛାତ୍ରୀ/ଛାତ୍ର)ମାନେ ଅସଦାଚରଣର ଶିକାର ହେଉଛନ୍ତି। କିନ୍ତୁ ଏହି ଘଟଣାରେ ସମ୍ପୃକ୍ତ ଶିକ୍ଷକମାନଙ୍କୁ ନିଲମ୍ବନ କରିଦିଆଯିବା ପରେ ପୋଲିସ କିମ୍ବା ଜିଲା ଶିଶୁ ମଙ୍ଗଳ କମିଟି (ସିଡବ୍ଲ୍ୟୁସି) ପକ୍ଷରୁ କିଛି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଫଳରେ ଏଭଳି ଘଟଣା ଦିନକୁ ଦିନ ବଢ଼ୁଛି ବୋଲି ବହୁ ବୁଦ୍ଧିଜୀବୀ ମତ ଦେଇଛନ୍ତି।

ଗତ ଅଗଷ୍ଟରେ ଡେରାବିଶ ହାଇସ୍କୁଲର ଖେଳ ଶିକ୍ଷକ ଅରୁଣ କୁମାର ଜେନା ଜନୈକା ଛାତ୍ରୀଙ୍କୁ ଅଶ୍ଳୀଳ ଭିଡିଓ ଦେଖାଇବା ଘଟଣାର ଦେଢ଼ ମାସ ନ ପୂରୁଣୁ ମହାକାଳପଡ଼ା ଅଞ୍ଚଳରେ ଏପରି ଆଉ ଏକ ଘଟଣା ଘଟିଛି। ମହାକାଳପଡା ଥାନା ପୋସେଇର ନୀଳକଣ୍ଠେଶ୍ୱର ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସରୋଜକାନ୍ତ ବାରିକ ଜଣେ ଛାତ୍ରୀଙ୍କୁ ଗତ ୧୪ ତାରିଖରେ ଅସଦାଚରଣ କରିଥିଲେ। ଏହି ଦୁଇ ଘଟଣାରେ ସମ୍ପୃକ୍ତ ୨ ଶିକ୍ଷକଙ୍କୁ ନିଲମ୍ବନ ନିର୍ଦ୍ଦେଶ ଦେଇଛି ଜିଲା ଶିକ୍ଷା ବିଭାଗ। ସେହିପରି ୨୦୧୭ ଅକ୍ଟୋବରରେ ଅନୁଷ୍ଠିତ କ୍ରୀଡ଼ା ଶିବିରରେ ଜଣେ ଶିକ୍ଷକ ଓ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ଅସଦାଚରଣର ଶିକାର ହେବା ପରେ ଜଣେ ଛାତ୍ରୀଙ୍କ ମୃତ୍ୟୁ ହୋଇଥିଲା। ଏହି ଘଟଣାରେ ମଧ୍ୟ ତଦନ୍ତ ସରିବା ପରେ ସମ୍ପୃକ୍ତ ଶିକ୍ଷକ ଓ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କୁ ନିଲମ୍ବନ କରାଯାଇଛି। କିନ୍ତୁ ଏହି ସମସ୍ତ ଘଟଣାରେ ଛାତ୍ରୀଛାତ୍ର ନାବାଳିକା/ନାବାଳକ ହୋଇଥିବାରୁ ପୋକ୍‌ସୋ ଆକ୍ଟରେ ପୋଲିସ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନିଆଯିବା କଥା। କିନ୍ତୁ ପୋଲିସ୍ ଏହି ଘଟଣାରେ ଚୁପ୍ ବସିଥିବା ବେଳେ ଜିଲା ଶିଶୁ ମଙ୍ଗଳ କମିଟି (ସିଡବ୍ଲ୍ୟୁସି) ମଧ୍ୟ ନୀରବଦ୍ରଷ୍ଟା ସାଜିଛି। ଫଳରେ ଶିଶୁ ନିର୍ଯ୍ୟାତନା ବଢ଼ୁଛି ବୋଲି ଜିଲାର ବହୁ ବୁଦ୍ଧିଜୀବୀ ମତ ଦେଇଛନ୍ତି।

ବୁଦ୍ଧିଜୀବୀ ଗଣେଶ ଚନ୍ଦ୍ର ସାମଲ, ରାଧାକାନ୍ତ ମହାନ୍ତି, ମାତୃଦତ୍ତ ମହାନ୍ତି, ଜାତୀୟ ମାନାବାଧିକାର ପରିଷଦର ଜିଲା ସଭାପତି ପ୍ରତାପ ଚନ୍ଦ୍ର ପାଢ଼ୀ ପ୍ରମୁଖ କହିଛନ୍ତି, ଶିଶୁଙ୍କୁ ଯୌନ ନିର୍ଯାତନା ଦେଉଥିବା ଅଭିଯୁକ୍ତଙ୍କ ପାଇଁ କଡ଼ା ଆଇନ୍ ଅଛି। କିନ୍ତୁ ସଚେତନତା ଅଭାବରୁ ପୀଡିତାଙ୍କୁ ଆଶାନୁରୂପକ ନ୍ୟାୟ ମିଳୁନାହିଁ। ସେହିପରି ଡେରାବିଶ ଥାନା ଅଞ୍ଚଳର ଜନୈକ ଶିକ୍ଷକ ଜଣେ ନାବାଳକ ଛାତ୍ରଙ୍କୁ ଅସଦାଚରଣ କରିଥିବା ଘଟଣା ସୋମବାର ପଦାକୁ ଆସିଛି। ସମ୍ପୃକ୍ତ ଶିକ୍ଷକ ଗିରଫଦାରିକୁ ଏଡ଼ାଇବାକୁ ଯାଇ ରାଜନୈତିକ ଲୋକଙ୍କ ମାଧ୍ୟମରେ ୧ ଲକ୍ଷ ଟଙ୍କା ଜରିମାନା ଆକାରରେ ଦେଇଛନ୍ତି। ଏ ନେଇ ଥାନାରେ ଅଭିଯୋଗ ଦିଆଯାଇ ସମ୍ପୃକ୍ତ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବାକଥା ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି। ଅପରପକ୍ଷରେ ଏପରି ଘଟଣା ଥାନାକୁ ଆସିଲେ ମଧ୍ୟ ଜିଲା ପୋଲିସ ନୀରବ ରହୁଥିବା ବେଳେ ଶିକ୍ଷା ବିଭାଗ କର୍ତ୍ତୃପକ୍ଷ ସମ୍ପୃକ୍ତ ଶିକ୍ଷକଙ୍କୁ ନିଲମ୍ବନ କରି ମାମଲାଠାରୁ ଦୂରେଇ ରହୁଛନ୍ତି। ଏ ନେଇ ଜିଲା ସିଡବ୍ଲ୍ୟୁସି ପଦକ୍ଷେପ ଜରୁରୀ ଥିବା ବେଳେ ସେମାନେ କେବଳ ତଦନ୍ତ କରି ଚୁପ୍ ରହୁଛନ୍ତି। ଏ ନେଇ ଜିଲା ସିଡବ୍ଲ୍ୟୁସି ଅଧ୍ୟକ୍ଷା ସ୍ମିତାଞ୍ଜଳି ମହାପାତ୍ର କୁହନ୍ତି, କ୍ରୀଡ଼ା ଶିବିରରେ ଅସଦାଚରଣର ଶିକାର ହୋଇଥିବା ଛାତ୍ରୀଙ୍କ ମୃତ୍ୟୁ ଓ ଡେରାବିଶ ହାଇସ୍କୁଲ ଘଟଣାରେ ଥାନାରେ ମାମଲା ପଞ୍ଜୀକୃତ ହୋଇଥିଲା। ଏ ନେଇ ତଦନ୍ତ କରାଯାଇ ଜିଲା ପ୍ରଶାସନକୁ ରିପୋର୍ଟ ପ୍ରଦାନ କରାଯାଇଛି। ମହାକାଳପଡ଼ା ଓ ଡେରାବିଶ ଥାନା ଅଞ୍ଚଳରେ ହୋଇଥିବା ୨ଟି ଯାକ ଘଟଣା ୩ ଦିନ ପୂର୍ବର। ଏ ନେଇ ତଦନ୍ତ ପ୍ରକ୍ରିୟା ଜାରି ରହିଛି। ତଦନ୍ତ ପରେ ଜିଲା ପୋଲିସକୁ କାର୍ଯ୍ୟାନୁଷ୍ଠାନ ପାଇଁ ଚିଠି ହେବ। ଶିଶୁ ସୁରକ୍ଷାକୁ ନେଇ କେବେହେଲେ ସାଲିସ କରାଯିବନାହିଁ ବୋଲି ଅଧ୍ୟକ୍ଷା ମହାପାତ୍ର କହିଛନ୍ତି। ପୋଲିସର କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ଏସ୍‌ଡିପିଓ ରାଜୀବଲୋଚନ ପଣ୍ଡା କୁହନ୍ତି, ୩ ଦିନ ପୂର୍ବର ଏହି ଦୁଇ ଘଟଣା ସମ୍ପର୍କରେ ପୋଲିସ ପାଖରେ ଅଭିଯୋଗ ପହଞ୍ଚିନାହିଁ। ଡେରାବିଶ ହାଇସ୍କୁଲ ମାମଲାରେ ସମ୍ପୃକ୍ତ ଶିକ୍ଷକ ଉଚ୍ଚ ନ୍ୟାୟାଳୟରୁ ଜାମିନ ଅର୍ଡର ଆଣି ସାରିଥିବାରୁ ଗିରଫ କରିବା ସମ୍ଭବ ନୁହେଁ।

## ସ୍କୁଲରେ ଦଳିତ ଛାତ୍ରଙ୍କୁ ଅସଦାଚରଣ

### ■ ମାମଲା ଦଫାରଫା ପାଇଁ ଲକ୍ଷେ ଦେଲେ ଶିକ୍ଷକ

ଡେରାବିଶ, ୧୬।୯ (ସ୍ୱ.ପ୍ର.)

ଡେରାବିଶ ବ୍ଲକ ହରିଅଙ୍କ ପଞ୍ଚାୟତ ଅଞ୍ଚଳର ଏକ ସ୍କୁଲରେ ଜଣେ ଶିକ୍ଷକ ସେହି ସ୍କୁଲର ଜଣେ ଦଳିତ ଛାତ୍ରଙ୍କୁ ଅସଦାଚରଣ କରିଛନ୍ତି। ଘଟଣାକୁ ଚପାଇ ଦେବା ପାଇଁ ସ୍ଥାନୀୟ କେତେଜଣ ବ୍ୟକ୍ତି ଛାତ୍ରଙ୍କ ପରିବାର ଲୋକଙ୍କୁ ବୁଝାଶୁଝା କରିବା ସହ ସମ୍ପୃକ୍ତ ଶିକ୍ଷକଙ୍କଠାରୁ ପ୍ରାୟ ୧ ଲକ୍ଷ ଟଙ୍କା ନେଇଥିବା ଶୁଣାଯାଉଛି। ତେବେ ଏହି ଘଟଣା ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ବିଭିନ୍ନ ଆଲୋଚନା ହେଉଛି। ଘଟଣା ମୁତାବକ, ଗତ ଶନିବାର ଶିକ୍ଷକ ଜଣକ ସମ୍ପୃକ୍ତ ଛାତ୍ରଙ୍କୁ ଅସଦାଚରଣ କରିଥିଲେ। ଏହି ସମୟରେ ଛାତ୍ର ଜଣକ କ୍ଷତାକ୍ତ ହୋଇଥିବା ବେଳେ ଘଟଣା ସମ୍ପର୍କରେ ପରିବାର ଲୋକଙ୍କୁ ଜଣାଇଥିଲେ। ସମ୍ପୃକ୍ତ ଛାତ୍ରଙ୍କୁ ସ୍ଥାନୀୟ ଏକ ମେଡିକାଲରେ ଚିକିତ୍ସା କରାଯାଇଥିବା ଜଣାପଡ଼ିଛି। ସ୍ଥାନୀୟ ଅଞ୍ଚଳର କେତେଜଣ ବ୍ୟକ୍ତି ସେହି ଶିକ୍ଷକଙ୍କଠାରୁ ପ୍ରାୟ ୧ ଲକ୍ଷ ଟଙ୍କା ଆଣି ଘଟଣା ଚପାଇ ଦେବାକୁ ଉଦ୍ୟମ କରୁଥିବା ଶୁଣିବାକୁ ମିଳୁଛି। ତେବେ ବିଦ୍ୟାଳୟ କର୍ତ୍ତୃପକ୍ଷ ଏ ଘଟଣାରେ ଚୁପ୍ ଥିବା ବେଳେ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ଛାତ୍ରଙ୍କ ପରିବାର ପକ୍ଷରୁ ମଧ୍ୟ ଥାନାରେ କୌଣସି ଅଭିଯୋଗ ହୋଇନାହିଁ। ଘଟଣା ସମ୍ପର୍କରେ ପଚାରିବା ପାଇଁ ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କୁ ଫୋନ୍ କରାଯାଇଥିଲେ ବି ନମ୍ବର ସୁଇଚ ଅଫ୍ ଥିବାରୁ ଯୋଗାଯୋଗ ହୋଇପାରିନାହିଁ। ଏ ସମ୍ପର୍କରେ ଜିଲା ଶିକ୍ଷାଧିକାରିଣୀ କଳ୍ପନା ବେହେରାଙ୍କୁ ପଚାରିବାରେ ତାଙ୍କ ନିକଟରେ ଏ ନେଇ କୌଣସି ଲିଖିତ ଅଭିଯୋଗ ପହଞ୍ଚିନାହିଁ। କିନ୍ତୁ ସାଧାରଣରେ ଏ ବିଷୟରେ ଆଲୋଚନା ହେଉଥିବା ତାଙ୍କ ନଜରକୁ ଆସିଛି। ତେଣୁ ଏହି ଘଟଣାର ତଦନ୍ତ କରାଯିବ ବୋଲି ଜିଲା ଶିକ୍ଷାଧିକାରିଣୀ ବେହେରା କହିଛନ୍ତି।




## ■ ତହସିଲ, ଆରଆଇ ଅଫିସରେ କର୍ମଚାରୀ ଅଭାବ

# ୬୧ରୁ ୩୦ ପଦବୀ ଖାଲି

ରାଜନଗର, ୧୬।୯ (ଡି.ଏନ୍.ଏ.)

ରାଜନଗର ତହସିଲ ଓ ଆର୍‌ଆଇ ଅଫିସ୍‌ରେ କର୍ମଚାରୀ ଅଭାବ ଯୋଗୁ ସରକାରୀ କାର୍ଯ୍ୟରେ ବିଳମ୍ବ ହେଉଛି। ସାଧାରଣ ଲୋକଙ୍କ କାମ ଠିକ୍ ସମୟରେ ହୋଇପାରୁ ନ ଥିବା ବେଳେ ଦିନ ଦିନ ଧରି ଦୌଡ଼ିବାକୁ ପଡୁଛି। ରାଜନଗର ତହସିଲ ଅଫିସରେ ଜଣେ ସିନିୟର କ୍ଲର୍କ, ୬ ଜୁନିୟର କ୍ଲର୍କ, ୬ ଆରଆଇ, ୩ ଏଆର୍‌ଆଇ, ଜଣେ ଅମିନ, ୭ ପିଅନ, ଜଣେ କଲେକ୍ସନ ପିଅନ, ୨ ୱାଚମ୍ୟାନ, ୨ ସୁଇପର ଓ ଜଣେ ବୋଟମ୍ୟାନ ପଦବୀ ଖାଲିପଡିଛି। ତହସିଲଦାରଙ୍କ ସମେତ ୬୧ ପଦବୀ ମଧ୍ୟରୁ ୩୦ ପଦବୀ ଖାଲିରହିଛି। ରାଜନଗର ତହସିଲ ୩୦୬ ରାଜସ୍ୱ ଗ୍ରାମକୁ ନେଇ ଗଠିତ। ଏହି ତହସିଲ ଅଧୀନରେ ୭ଟି ଆରଆଇ ସର୍କଲ ରହିଛି। ରଙ୍ଗଣୀ, କେରଡ଼ାଗଡ଼, ଭିତରଗଡ଼ରେ ରାଜସ୍ୱ ନିରୀକ୍ଷକ ଥିବାବେଳେ ଗୁପ୍ତି, ରାଜନଗର, ରିଘାଗଡ, ତାଳଚୁଆ ସର୍କଲକୁ ଏଆର୍‌ଆଇ ଚଳାଉଛନ୍ତି। କେରଡ଼ାଗଡ ଓ ରାଜନଗରରେ ଜଣେ ଜଣେ ପିଅନ ଥିବାବେଳେ ଅନ୍ୟ କୌଣସି ରାଜସ୍ୱ ସର୍କଲରେ ପିଅନ ନାହାନ୍ତି। ଜଣେ ଆରଆଇ କିମ୍ବା ଏଆର୍‌ଆଇ ତଦନ୍ତ ପାଇଁ କାର୍ଯ୍ୟାଳୟ ବାହାରକୁ ଗଲେ, କାର୍ଯ୍ୟାଳୟରେ ତାଲା ପଡୁଛି। ଫଳରେ ଅନେକ ଲୋକ ବିଭିନ୍ନ କାର୍ଯ୍ୟରେ ଦୂରଦୂରାନ୍ତରୁ ଆସି ଫେରିବାକୁ ବାଧ ହେଉଛନ୍ତି। ଏହାବାଦ ଭିତରଗଡ ଆର୍‌ଆଇ ସର୍କଲ ୯୨ଟି ଗାଁକୁ ନେଇ ଗଠିତ। ଏଠାରେ ଜଣେ ଆର୍‌ଆଇ ଓ ଜଣେ ପିଅନ ଲୋକଙ୍କୁ ସେବା ଯୋଗାଇବାରେ ବିଫଳ ହେଉଛନ୍ତି। ତୁରନ୍ତ ଖାଲି ପଦବୀ ପୂରଣ ପାଇଁ ଦାବି ହୋଇଛି।

## ସହାୟିକା ନିଯୁକ୍ତିରେ ଅନିୟମିତତା

କେନ୍ଦ୍ରାପଡା ଅଫିସ, ୧୬।୯

ମହାକାଳପଡ଼ା ଗଗୁଆ ପଞ୍ଚାୟତ ବଳିଗଣ୍ଡ ଅଙ୍ଗନୱାଡି କେନ୍ଦ୍ରର ସହାୟିକା ନିଯୁକ୍ତିରେ ଅନିୟମିତତା ହୋଇଛି। ବଳିଗଣ୍ଡ ୱାର୍ଡବାସୀ ଏ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି। ଭଗବତୀ ନାୟକ, ଲିଲିମା ମହାନ୍ତି, ରମାଳୀ ନାୟକ, ପଞ୍ଚାନନ ସ୍ୱାଇଁ ପ୍ରମୁଖ କହିଛନ୍ତି, ସୋମବାର ପୂର୍ବାହ୍ନରେ ସହାୟିକା ପଦ ମନୋନୟନ ପାଇଁ ସ୍ଥିର ହୋଇଥିଲା। ଏଥିପାଇଁ ସିଡିପିଓ ଓ ସୁପରଭାଇଜର ମହିଳା ସଭାର ଆୟୋଜନ କରିଥିଲେ। ଏଥିରେ ଗ୍ରାମର ବିଧବା ପାର୍ବତୀ ସ୍ୱାଇଁ ଓ ଅନ୍ୟ ୱାର୍ଡର ସୁକାନ୍ତି ନାୟକ ଆବେଦନକାରୀ ଥିଲେ। ତେବେ କୌଣସି କାରଣରୁ ଏହି ଅଧିକାରୀ ଦ୍ୱୟ ଅନ୍ୟ ୱାର୍ଡର ପ୍ରାର୍ଥନୀଙ୍କୁ ନିଯୁକ୍ତି ଦେଇ ପଳାଇ ଯାଇଥିଲେ। ମହିଳା ସଭା ଯାଇ ନ ଥିବାରୁ ଏହା ବିରୋଧରେ ଆନ୍ଦୋଳନ ହେବ ବୋଲି ସେମାନେ ପ୍ରକାଶ କରିଛନ୍ତି।

## ବିଶ୍ୱ କଲ୍ୟାଣ ଲାଗି ବୃକ୍ଷରୋପଣ ଜରୁରୀ

ଡେରାବିଶ, ୧୬।୯ (ସ୍ୱ.ପ୍ର.)

ଚଳିତ ବର୍ଷ ଆମାଜାନ ଅବବାହିକାରେ ଥିବା ବିସ୍ତୀର୍ଣ୍ଣ ଚିର ହରିତ ଜଙ୍ଗଲରେ ନିଆଁ ଲାଗି ବହୁ କ୍ଷତି ଘଟାଇ ଚାଲିଛି। ପରିବେଶ ସନ୍ତୁଳନର ସହାୟକ ହେଉଥିବା ବହୁ ପ୍ରଜାତିର ଜୀବଜନ୍ତୁଙ୍କ ବଂଶ ଏହି ନିଆଁରେ ପୋଡି ଧ୍ୱଂସ ପ୍ରାୟ ହୋଇଥିବା ବେଳେ ବହୁ ବୃକ୍ଷଲତା ମଧ୍ୟ ନଷ୍ଟ ହୋଇଛି। ବିଶ୍ୱର ପରିବେଶ ସନ୍ତୁଳନ ଏବଂ ମନୁଷ୍ୟର ଆଗାମୀ ପିଢ଼ିକୁ ବଞ୍ଚାଇବା ପାଇଁ ହେଲେ ବିଶ୍ୱବାସୀଙ୍କ ପାଇଁ ବହୁ ପରିମାଣରେ ଜଙ୍ଗଲ ସୃଷ୍ଟି ଏକାନ୍ତ ଅପରିହାର୍ଯ୍ୟ। ତେଣୁ ଗଛ ଲଗାଇବା ଓ ଜଙ୍ଗଲ ସୃଷ୍ଟି କରିବାକୁ ଏକ ଆନ୍ଦୋଳନ ଭାବେ ପ୍ରତ୍ୟେକ ମଣିଷ ଗ୍ରହଣ କରି ଏଥିରେ ସାମିଲ ହେଲେ ପୃଥିବୀକୁ ଧ୍ୱଂସ ମୁହଁରୁ ରକ୍ଷା କରିହେବ ବୋଲି ଶନିବାର ଡେରାବିଶ ବ୍ଲକ ବାଘିଲୋ ବାବନପୁରସ୍ଥିତ ମାରୁତି ଉଚ୍ଚ ବିଦ୍ୟାପୀଠରେ ଅନୁଷ୍ଠିତ 'ପୃଥିବୀ ଫୁସ୍ ଫୁସ୍‌ରେ ନିଆଁ' ସମ୍ପର୍କିତ ଏକ ଆଲୋଚନାଚକ୍ରରେ ମତପ୍ରକାଶ ପାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଆଲୋଚନା ଚକ୍ରରେ ସ୍କୁଲ ଛାତ୍ରୀଛାତ୍ର, ପରିବେଶବିତ୍ ଓ ଶିକ୍ଷୟିତ୍ରୀଶିକ୍ଷକମାନେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ସମସ୍ତେ ୫ଟି ଗଛ ଲାଗାଇ ଏହାକୁ ବଡ କରିବା ପର୍ଯ୍ୟନ୍ତ ଦାୟିତ୍ୱ ନିର୍ବାହ କରିବା ପାଇଁ ଶପଥ କରିଥିଲେ। ଇକୋ କ୍ଲବ ଶିକ୍ଷକ ବିଚିତ୍ର କୁମାର ବିଶ୍ୱାଳଙ୍କ ସଂଯୋଜନାରେ ଅନୁଷ୍ଠିତ ଆଲୋଚନା ଚକ୍ରରେ ଶିକ୍ଷୟିତ୍ରୀ ରେଖାଞ୍ଜଳୀ ବେହେରା, ଶିକ୍ଷକ କରୁଣାକର ସ୍ୱାଇଁ, ନରହରି ନାଥଶର୍ମା, ହେମନ୍ତ କୁମାର ଦାସ, ମନୋରଞ୍ଜନ ସାମଲ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।


ଆଲୋଚନାଚକ୍ରରେ ଉପସ୍ଥିତ ଆଲୋଚକମାନେ।

# ପଞ୍ଚାୟତ କର୍ମଚାରୀଙ୍କୁ ଦୈନିକ ମଜୁରି ପ୍ରଦାନ ଦାବି

କେନ୍ଦ୍ରାପଡା ଅଫିସ, ୧୬।୯

### ଗ୍ରାମପଞ୍ଚାୟତ କର୍ମଚାରୀ ସଂଘ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର



ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ପଞ୍ଚାୟତ କର୍ମଚାରୀ ସଂଘ ସଦସ୍ୟ।

ପଞ୍ଚାୟତର ରାଜସ୍ୱ ଅନୁଯାୟୀ ପଞ୍ଚାୟତର ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କୁ ମାସିକ ୧୦୦ରୁ ୫୦୦ ଟଙ୍କା ପର୍ଯ୍ୟନ୍ତ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଉଛି। ଦୈନିକ ୮ ଘଣ୍ଟା ଉପସ୍ଥିତ ରହୁଥିବାରୁ ଏ ବାବଦ ମଜୁରି ଦାବିକରି ଓଡ଼ିଶା ଗ୍ରାମପଞ୍ଚାୟତ କର୍ମଚାରୀ ସଂଘ କେନ୍ଦ୍ରାପଡ଼ା ଶାଖା ପକ୍ଷରୁ ଜିଲାପାଳଙ୍କୁ ସୋମବାର ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏ ସମ୍ପର୍କରେ ଜିଲା ସଂଘ ସଭାପତି ଅନିଲ କୁମାର ଲେଙ୍କା କହିଛନ୍ତି, ଦୈନିକ ମଜୁରୀ ପ୍ରଦାନ କ୍ଷେତ୍ରରେ ପଞ୍ଚାୟତ ଚତୁର୍ଥ ଶ୍ରେଣୀ କର୍ମଚାରୀ ସର୍ବଦା ଅବହେଳାର ଶିକାର ହୋଇଛନ୍ତି। କାର୍ଯ୍ୟାଳୟ ସଫେଇଠାରୁ ଆରମ୍ଭ କରି ସରକାରଙ୍କ ସମସ୍ତ କାର୍ଯ୍ୟରେ ଏହି କର୍ମଚାରୀଙ୍କ ଅବଦାନ ରହୁଛି। କର୍ମଚାରୀମାନେ ପୂର୍ବାହ୍ନ ୯ଟାରୁ ଅପରାହ୍ନ ୬ଟା ପର୍ଯ୍ୟନ୍ତ କାର୍ଯ୍ୟ କରିଥାନ୍ତି। ତେବେ ମାସିକ ଦରମା ପ୍ରଦାନ କରାଯାଉନାହିଁ। ଦୈନିକ ମଜୁରି ସହ ଚାକିରିରେ ସ୍ଥାୟିତ୍ୱ ଦେବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଏହି ଦାବିପତ୍ର ପ୍ରଦାନ କରାଯାଇଛି ବୋଲି ଜିଲା ସଂଘ ସଭାପତି ଲେଙ୍କା କହିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ସଂଘ ସମ୍ପାଦକ ଧ୍ରୁବ ଚରଣ ସାମଲ, ବିଜୟ କୁମାର ସେଠୀ, ପ୍ରଦୀପ୍ତ କୁମାର ବାରିକ, ଅରବିନ୍ଦ ବାରିକ, ଅଭୟ କୁମାର ବାରିକଙ୍କ ସମେତ ଶତାଧିକ କର୍ମଚାରୀ ଉପସ୍ଥିତ ଥିଲେ।

## ନ୍ୟାୟ ପାଇଁ ଥାନାର ଦ୍ୱାରସ୍ଥ ହେଲେ ମହିଳା

କେନ୍ଦ୍ରାପଡା ଅଫିସ, ୧୬।୯

ସହରର ମହିପାଳଠାରେ ରହୁଥିବା ଜନୈକା ମହିଳା ନ୍ୟାୟ ପାଇଁ ଟାଉନ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ସ୍ୱାମୀଙ୍କୁ ଛାଡ଼ି ପ୍ରେମିକର ହାତ ଧରିଥିବା ଏହି ମହିଳାଙ୍କୁ ପ୍ରେମିକ ଓ ତାଙ୍କ ପରିବାର ସଦସ୍ୟ ମାଡ଼ ମାରିଥିବା ସେ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ଅଭିଯୋଗ ପାଇବା ପରେ ଟାଉନ ଥାନା ପୋଲିସ ଘଟଣାର ପ୍ରାଥମିକ ତଦନ୍ତ କରିଛି। ଏହି ମହିଳା ଜଣକ ଡେରାବିଶ ଅଞ୍ଚଳର ଜନୈକ ଯୁବକଙ୍କୁ ୭ ବର୍ଷ ପୂର୍ବେ ବିବାହ କରିଥିଲେ। ତାଙ୍କର ଗୋଟିଏ ୬ ବର୍ଷର ପୁଅ ଅଛି। ତେବେ ସ୍ୱାମୀ ବାଙ୍ଗାଲୋରରେ ରହୁଥିବାରୁ ଗ୍ରାମର ଜନୈକ ଯୁବକଙ୍କ ସହ ସେ ଗତ ୬ ମାସ ହେବ ଘରୁ ପଳାଇ ଆସି ବଳଦେବଜୀଉ ମନ୍ଦିରରେ ବିବାହ କରି ମହିପାଳରେ ଭଡ଼ା ନେଇ ରହୁଥିଲେ। ସୋମବାର ପୂର୍ବାହ୍ନରେ ମହିଳାଙ୍କ ଦ୍ୱିତୀୟ ସ୍ୱାମୀ ଓ ତାଙ୍କ ପରିବାର ସଦସ୍ୟ ତାଙ୍କୁ ମାଡ଼ ମାରି ପଳାଇଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି। ଏ ନେଇ ସମ୍ପୃକ୍ତ ମହିଳା କୁହନ୍ତି, ରୋଜଗାର ନ ଥିବାରୁ ଭଡ଼ାଘରେ ରହିବା ସମ୍ଭବ ନୁହେଁ। ସେହିପରି ପୂର୍ବ ସ୍ୱାମୀଙ୍କ ନିକଟକୁ ଯାଇପାରିବେନାହିଁ। ତେଣୁ ପ୍ରେମିକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ସେ ଦାବି କରିଛନ୍ତି।

## ■ ଆଳି ମଣ୍ଡଳସ୍ତରୀୟ ବାର୍ଷିକ କ୍ରୀଡା ପ୍ରତିଯୋଗିତା

# ସଫଳତା ପାଇଁ ଦୃଢ଼ ମନୋବଳ ଆବଶ୍ୟକ

ଆଳି, ୧୬।୯ (ଡି.ଏନ୍.ଏ.)

ଆଳି ବ୍ଲକ ଅଧୀନ ଶରତ କୁମାର ଦେବ ନୋଡାଲ ହାଇସ୍କୁଲ ପରିସରରେ ଆଳି ମଣ୍ଡଳସ୍ତରୀୟ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ଅଧୀନରେ ୪୨ଟି ହାଇସ୍କୁଲର ୧୫୦ ପ୍ରତିଯୋଗି ଭାଗ ନେଇଥିଲେ। ଏହି ଅବସରରେ ଆୟୋଜିତ ଉଦଘାଟନୀ ଉତ୍ସବରେ ଆଳି ମଣ୍ଡଳ ଶିକ୍ଷାଧିକାରୀ ଧ୍ରୁବଚରଣ ମହାନ୍ତି ଅଧକ୍ଷତା କରିଥିଲେ। ଏଥିରେ ଅବସରପ୍ରାପ୍ତ ବିଆରସିସି ପ୍ରଦୀପ୍ତ କୁମାର ରଥ ମୁଖ୍ୟଅତିଥି, ଏବିଇଓ ତଥା ବିଆରସିସି ପାବନୀ କୁମାର ରାଉତ ମୁଖ୍ୟବକ୍ତା ଓ ସମ୍ମାନିତ ଅତିଥି ଭାବରେ ପ୍ରଧାନଶିକ୍ଷକ ନୃସିଂହ ଚରଣ ନନ୍ଦୀ, ଶିକ୍ଷାବିତ୍ ବିଏମ ସେନାପତି, ପ୍ରମୋଦ ମଲ୍ଲିକ, ଦେମାଳ ସରପଞ୍ଚ ମନୋରଞ୍ଜନ ସାମଲ, ବିଜୟାନନ୍ଦ ସେନାପତି, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବିଷ୍ଣୁଚରଣ ପାତ୍ର ପ୍ରମୁଖ ଯୋଗଦେଇଥିଲେ। ସଫଳତା ପାଇଁ ଦୃଢ଼ ମନୋବଳ ଆବଶ୍ୟକ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ବିଜୟ କୁମାର ବୋଇତି ଅତିଥି ପରିଚୟ ପ୍ରଦାନ କରିଥିଲେ। ଉକ୍ତ ସ୍କୁଲର ଖେଳ ଶିକ୍ଷକ ଶରତ କୁମାର ସାହୁ, ଶରତ କୁମାର ଦେବ ହାଇସ୍କୁଲର ଖେଳ ଶିକ୍ଷକ ସୁଶାନ୍ତ କୁମାର ମଳିକ ପ୍ରମୁଖ କ୍ରୀଡ଼ା ପ୍ରତିଯୋଗିତାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଏହି ଅବସରରେ ଉକ୍ତ ବିଦ୍ୟାଳୟର ଅବସରପ୍ରାପ୍ତ ଖେଳ ଶିକ୍ଷକ କାର୍ତ୍ତିକ ଚନ୍ଦ୍ର ଜେନାଙ୍କୁ ସମ୍ମାନିତ କରାଯାଇଥିଲା। ମେଣ୍ଢପୁର ଉଚ୍ଚ ବିଦ୍ୟାଳୟ ଖେଳ ଶିକ୍ଷକ ଆଦିକନ୍ଦ ବେହେରା, ଶରତ ଚନ୍ଦ୍ର ଦାସ, ସ୍ମିତାପ୍ରତିଭା ସାହୁ, ଜ୍ଞାନରଞ୍ଜନ ଦାସ, ପ୍ରଣତୀ ମଳିକ, ସୋନାଲିକା ବିଶ୍ୱାଳ, ଚିତ୍ତରଞ୍ଜନ ଦାସ, ଗୋପାଳ ଚନ୍ଦ୍ର ବେହେରା, ଦିଲ୍ଲୀପ କୁମାର ଜେନା, ପ୍ରସନ୍ନ କୁମାର ନାୟକ ଉପସ୍ଥିତ ଥିଲେ।



କ୍ରୀଡ଼ା ଉତ୍ସବରେ ଉପସ୍ଥିତ ଅତିଥିବୃନ୍ଦ।

# ଡେରାବିଶ ଖୁଦୁରୁକୁଣୀ ମେଳଣ ଶେଷ

ଡେରାବିଶ, ୧୬।୯ (ସ୍ୱ.ପ୍ର.)

ଡେରାବିଶ ବ୍ଲକ ଅଧୀନ ଗୋଲରାହାଟ ପଞ୍ଚାୟତସ୍ଥିତ ହାଟପଡ଼ିଆଠାରେ ବହୁ ପ୍ରାଚୀନ ଡେରାବିଶର ପ୍ରସିଦ୍ଧ ଖୁଦୁରୁକୁଣୀ ମେଳଣ ସୋମବାର ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଛି। ଏହି ମେଳଣରେ ପ୍ରାୟ ୨୫ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ପାରମ୍ପରିକ ରୀତିନୀତି ଅନୁଯାୟୀ ଏହି ମେଳଣ ରବିବାର ମଧ୍ୟରାତ୍ରିରୁ ଆରମ୍ଭ ହୋଇଥିଲା। ପ୍ରଥମେ ଥାନପତି ରଥପଡ଼ିଆର ଖୁଦୁରୁକୁଣୀ ଠାକୁରାଣୀଙ୍କ ମେଢ଼ ମେଳଣ ପଡ଼ିଆରେ ଉପବେଶନ କରିବାପରେ ବିଭିନ୍ନ ଗ୍ରାମରୁ ଆସିଥିବା ମେଢ଼ ଘଣ୍ଟ-ସଂକୀର୍ତ୍ତନ, ବାଜାପଟୁଆର ଓ ଆତସବାଜି ମଧ୍ୟରେ ପଡ଼ିଆ ଭିତରେ ପ୍ରବେଶ କରିଥିଲେ। ଏହି ମେଳଣରେ ବ୍ଲକ ଅଧୀନ ଗୋଲରାହାଟ ପଞ୍ଚାୟତର ଦୁମୁକା, ତିଲକପୁର, ଦିଆପଡା, କଟେରିତଳ, ଓଝାସାହି, ଚଷାଖଣ୍ଡ ପାଣ୍ଡେସାହି, ବଣିଆସାହି ଓ କାଜିପୁର, ବାଲିଆ ପଞ୍ଚାୟତର ଦରବୋଲ, ହୁରାସାହି, ତୋଟାସାହି ଓ ମୁଲଣାପାଟଣା, ଚାଟରାଚକଡ଼ା ପଞ୍ଚାୟତର ଗୋବିନ୍ଦପୁର, ଚାଟରାଚକଡା (ଜେନା ସାହି) ଏବଂ କାଉପଡ଼ା ପଞ୍ଚାୟତର ସାନଫୋଗଳ ଆଦି ଗ୍ରାମରୁ ୨୦ରୁ ଊର୍ଦ୍ଧ୍ୱ ମେଢ ମେଳଣ ପଡ଼ିଆରେ ପହଞ୍ଚିଥିଲେ। ପୂଜାର୍ଚ୍ଚନା ଓ ଆଳତି ପରେ ପରେ ଥାନପତି ମେଢର ମୁରବି ତଥା ମେଳଣ କମିଟି ସଭାପତି ରତ୍ନାକର ଲେଙ୍କାଙ୍କ ପକ୍ଷରୁ ଅନ୍ୟ ସମସ୍ତ ମେଢ଼ ନିକଟରେ ଭୋଗ ଲାଗି କରାଯିବା ସହିତ ଆସନ୍ତା ବର୍ଷ ମେଳଣ ପାଇଁ ବରଣୀ କରାଯାଇଥିଲା। ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ଏସ୍‌ଡିପିଓ ରାଜୀବଲୋଚନ ପଣ୍ଡା, ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ଡେରାବିଶର ଅତିରିକ୍ତ ତହସିଲଦାର ଭୋଳାନାଥ ସେଠୀ ଓ ଡେରାବିଶ ଥାନା ଅଧିକାରୀ ଉମାକାନ୍ତ ନାୟକଙ୍କ ତତ୍ତ୍ୱାବଧାନରେ ଏବଂ ସବ୍ ଇନ୍ସପେକ୍ଟର ପଞ୍ଚାନନ ମିଶ୍ର ଓ ଜଜ୍ଜିତା ସାସମଲଙ୍କ ନେତୃତ୍ୱରେ ୧ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହୋଇଥିଲେ। ସେହିପରି ମେଳଣ କମିଟି ସଭାପତି ଲେଙ୍କା, ଥାନପତି ଠାକୁରାଣୀଙ୍କ ସେବକ ଦିବାକର ଲେଙ୍କା ଓ ପ୍ରଭାକର ଲେଙ୍କାଙ୍କ ସମେତ ଗୋଲରାହାଟ ପଞ୍ଚାୟତର ପୂର୍ବତନ ସରପଞ୍ଚ ତ୍ରିଲୋଚନ ରାଉତ ଓ ବିପିନ ବିହାରୀ ସାହୁ, ବାଲିଆର ପୂର୍ବତନ ସରପଞ୍ଚ ଭବାନୀ ଶଙ୍କର ଭୋଇ, ଭୋଇକୁଳ ଉନ୍ନୟନ ପରିଷଦର ସଭାପତି ନୃସିଂହ କାଣ୍ଡି, ଉପସଭାପତି ଶରତ ଚନ୍ଦ୍ର କାଣ୍ଡି, ସମ୍ପାଦକ ଭାଗବତ କାଣ୍ଡି, ସଦସ୍ୟ କାଶୀନାଥ କାଣ୍ଡି, ରଞ୍ଜନ ସ୍ୱାଇଁ, ଡେରାବିଶ ବଜାର କମିଟି ସଭାପତି ସଞ୍ଜୟ କୁମାର ସାହୁ, ହାଟ ବଜାର କମିଟି କର୍ମକର୍ତ୍ତା ସରୋଜ ଦାଶ ପ୍ରମୁଖ ମେଳଣ ପରିଚାଳନା କରିଥିଲେ।


ମେଳଣରେ ସାମିଲ ହୋଇଥିବା ଖୁଦୁରୁକୁଣୀ ମେଢ଼।

## ସଂକ୍ଷେପରେ

### ଉଦ୍ଧାର ୨ଛାତ୍ରଙ୍କୁ ଶିଶୁ ସୁରକ୍ଷା ବିଭାଗକୁ ହସ୍ତାନ୍ତର

ଯାଜପୁର ରୋଡ,୧୬।୯(ନି.ପ୍ର.): ଖୋର୍ଦ୍ଧା ଭଦ୍ରକ୍ ଟ୍ରେନ୍‌ରେ ଚଢ଼ି ଲୁଚି ପଳାଇ ଆସିଥିବା ୨ ଛାତ୍ରଙ୍କୁ ରବିବାର ଲୋକେ ଉଦ୍ଧାର କରି ଯାଜପୁର ଓ କେନ୍ଦୁଝର ରେଲ୍‌ୱେ ଷ୍ଟେଶନ ଆର୍‌ପିଏଫ୍‌କୁ ଦେଇଥିଲେ। ସୋମବାର ଛାତ୍ର ଦୁଇଙ୍କୁ ଆର୍‌ପିଏଫ୍ ପୋଲିସ ଯାଜପୁର ଶିଶୁ ସୁରକ୍ଷା ଅଧିକାରୀଙ୍କୁ ହସ୍ତାନ୍ତର କରିଛି। ଶିଶୁ ସୁରକ୍ଷା ଅଧିକାରୀ ଯାଜପୁର ଶିଶୁ ମଙ୍ଗଳ ସମିତିକୁ ହସ୍ତାନ୍ତର କରିଥିଲେ। ଶିଶୁ ମଙ୍ଗଳ ସମିତି ନିର୍ଦ୍ଦେଶ କ୍ରମେ ଉଦ୍ଧାର ହୋଇଥିବା ସନ୍ତୋଷ କୁମାର ପାତ୍ର ୫ମ, ମହିର ସାହୁ ୨ୟଙ୍କୁ ଭୁବନେଶ୍ୱର ଆଦୃତ ଶିଶୁ ଯତ୍ନ ଅନୁଷ୍ଠାନକୁ ପଠାଇ ଯାଇଥିବା ଜିଲା ଶିଶୁ ସୁରକ୍ଷା ଅଧିକାରୀଙ୍କ କହିଛନ୍ତି।

### ଧରିତ୍ରୀ ପୋର୍ଟାଲ ଦେଖି ନିଖୋଜ ଝିଅକୁ ଫେରିପାଇଲେ ଦମ୍ପତି

ଭଦ୍ରକ ଅଫିସ, ୧୬।୯: ଭଦ୍ରକ ବସ୍‌ଷ୍ଟାଣ୍ଡରୁ ୩ ବର୍ଷର ଶିଶୁକନ୍ୟା ଉଦ୍ଧାର ଶୀର୍ଷକ ଏକ ଖବର ଧରିତ୍ରୀ ପୋର୍ଟାଲରେ ପ୍ରକାଶ ପାଇଥିଲା। ଏହି ଖବର ଦେଖି କେନ୍ଦୁଝର ଜିଲା ଧନଞ୍ଜୟପୁର କୁଶଟିକିରି ଗାଁର ନାରାୟଣ ହୋ ଓ ପତ୍ନୀ ଲାଜୁରୀ ହୋ ଭଦ୍ରକ ଆସି ପୋଲିସ ହେପାଜତରେ ବାତ୍ସଲ୍ୟ ଶିଶୁ ପରିଚର୍ଯ୍ୟା ଅନୁଷ୍ଠାନରେ ଥିବା ସେମାନଙ୍କ ୩ ବର୍ଷର ଝିଅକୁ ଫେରି ପାଇଛନ୍ତି। ଏହି ଦମ୍ପତି ସୋମବାର ସକାଳେ ଆସି ଭଦ୍ରକ ଟାଉନ ଥାନାରେ ପହଞ୍ଚିଥିଲେ। ଦୁଇଦିନ ପୂର୍ବେ ନିଖୋଜ ଥିବା ସେମାନଙ୍କ ଝିଅ ସମ୍ପର୍କରେ ପୋଲିସକୁ ପଚାରି ବୁଝିଥିଲେ। ପରେ ସେମାନେ ବାତ୍ସଲ୍ୟ ଶିଶୁ ପରିଚର୍ଯ୍ୟା ଅନୁଷ୍ଠାନକୁ ଯାଇ ଝିଅକୁ ଦେଖିଥିଲେ। ବନ୍ତ ଛକସ୍ଥିତ ଶିଶୁ ମଙ୍ଗଳ କମିଟି ନିକଟରେ ସେମାନେ ନିଜର ପ୍ରମାଣପତ୍ର ଦେଖାଇ ହଜିଲା ଝିଅକୁ ଧରି ଘରକୁ ଫେରିଥିଲେ। ଏହି ଦମ୍ପତିଙ୍କ କହିବା ଅନୁଯାୟୀ, ସେମାନେ ବିଭିନ୍ନ ସ୍ଥାନକୁ ଯାଇ ଦିନମଜୁରି ଲାଗି ପୋଟ ପୋଷିଥାନ୍ତି। କାମକୁ ଗଲେ ସାଥୀରେ ନିଜ ଝିଅକୁ ନେଇଯାଇଥାନ୍ତି। ସେମାନେ କୁଶଟିକିରି ଗାଁର ରାସ୍ତାକଡ଼ରେ ଘର କରି ରହୁଛନ୍ତି। ଘଟଣା ଦିନ ତାଙ୍କ ଝିଅ ନିଜ ଘର ସମ୍ମୁଖରୁ ଏକ ବସ୍ ଯୋଗେ ଭଦ୍ରକ ଚାଲି ଆସିଥିଲେ। ବନ୍ତ ଛକ ବସ୍‌ଷ୍ଟାଣ୍ଡ ନିକଟରେ ବସ୍‌ରୁ ଓହ୍ଲାଇ କାନ୍ଦୁଥିବା ବେଳେ ଟାଉନ ପୋଲିସ ତାଙ୍କୁ ଉଦ୍ଧାର କରି ବାତ୍ସଲ୍ୟରେ ରଖିଥିଲା। ଏ ନେଇ ଧରିତ୍ରୀ ସମେତ ଧରିତ୍ରୀ ପୋର୍ଟାଲରେ ଗତ ୧୪ ତାରିଖରେ ଖବର ପ୍ରକାଶ ପାଇଥିଲା।

# ୧୪୪ ଧାରା ସତ୍ତ୍ୱେ ଖାଦାନରେ ଖନନ

ଧର୍ମଶାଳା/ଜେନାପୁର, ୧୬।୯(ଡି.ଏନ୍.ଏ.)

**ଜଣେ ଗିରଫ**

ଧର୍ମଶାଳା ତହସିଲ ପକ୍ଷରୁ ବେଆଇନ ଖନନ ହେଉଥିବା ଖାଦାନ ଉପରେ ୧୪୪ ଧାରା ଜାରି କରାଯାଇଛି। ହେଲେ ପଥର ମାଫିଆଙ୍କ ଉପରେ ଏହାର କୌଣସି ପ୍ରଭାବ ପଡୁ ନାହିଁ। ଏ ଭଳି ଏକ ଘଟଣାରେ ରବିବାର ପୋଲିସ ବିଛାଖଣ୍ଡି ପାହାଡରେ ପଥର ଖନନ ଅଭିଯୋଗରେ ଜଣଙ୍କୁ ଗିରଫ କରିଛି। ଏଥିସହ ଟ୍ରାକ୍ଟର ଓ ଜେସିବି ମେଶିନ ଜବତ କରିଛି। ଗିରଫ ଅଭିଯୁକ୍ତ ଜଣଙ୍କ ତାଳଜଙ୍ଗ ଗ୍ରାମର ଅମୂଲ୍ୟ ମଲିକ (୩୫)। ଏ ନେଇ ପୋଲିସ ଏକ ମାମଲା (ନଂ.୨୦୩/୧୯) ରୁଜୁକରି ସୋମବାର ତାଙ୍କୁ କୋର୍ଟ ଚାଲାଣ କରିଛି। ପ୍ରକାଶ ଯେ, ଏହି ତହସିଲ ଅଧୀନରେ ନିଲାମ ହୋଇ ନ ଥିବା ୧୫ଟି କଳାପଥର ଖାଦାନରେ ମାଫିଆମାନେ ବେଆଇନ ଭାବେ ଖନନ କରି ଲୁଟ୍ କରୁଥିବା ଅଭିଯୋଗ ହୋଇଥିଲା। ଏହାକୁ ରୋକ୍ ଲଗାଇବା ପାଇଁ ଗତ ୧୧ ତାରିଖରେ ଧର୍ମଶାଳା ତହସିଲ ପକ୍ଷରୁ ବେଆଇନ ଭାବେ ଖନନ କରାଯାଉଥିବା ବିଛାଖଣ୍ଡି କଳାପଥର ଖାଦାନ ସମେତ ଅଞ୍ଜିରା-୧, ଅଞ୍ଜିରା-୨, କୁଶୁନପୁର, ସାହାଣୀଡିହ କଳା ପଥର ଖାଦାନରେ ୧୪୪ ଧାରା ଜାରି କରାଯାଇଛି। ହେଲେ ନିଷେଧାଦେଶ ପରେ ମଧ୍ୟ ମାଫିଆମାନେ ବେଆଇନଭାବେ ପଥର ଖନନ କରୁଥିବା ଖବର ପାଇ ରବିବାର ଜେନାପୁର ପୋଲିସ ବିଛାଖଣ୍ଡି ପାହାଡରେ ଚଢ଼ାଉ କରିଥିଲା। ଏହି ସମୟରେ ଗୋଟିଏ କମ୍ପ୍ରେସର ଓ ଟ୍ରାକ୍ଟର ଜବତ କରିବା ବେଳେ ଅମୂଲ୍ୟ ଫେରାର ହୋଇଯାଇଥିଲା। ରାତିରେ ତାଙ୍କୁ ଘରୁ ପୋଲିସ ଗିରଫ କରିଥିଲା।




# ଦୁର୍ଘଟଣାରେ ଛାତ୍ରୀ ମୃତ, ରାସ୍ତା ଅବରୋଧ

ରସୁଲପୁର,୧୬।୯(ଡିଏନଏ)


ଉତ୍ତ୍ୟକ୍ତ ଲୋକ ଓ ଜନପ୍ରତିନିଧିଙ୍କ ସହ ତହସିଲଦାର ଆଲୋଚନା କରୁଛନ୍ତି।

ରସୁଲପୁର ବ୍ଲକ ମଙ୍ଗରାଜପୁର ପଞ୍ଚାୟତ ବାଲିହୁଡା ଗ୍ରାମର ଉତ୍ତମ ବେହେରାଙ୍କ ଝିଅ ରୂପାଲି (୯)ଙ୍କର ସୋମବାର ଅପରାହ୍ଣରେ ସଡକ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ସେ ବ୍ରହ୍ମବରଦା ନିକଟସ୍ଥ ସରସ୍ୱତୀ ଶିଶୁ ମନ୍ଦିରରେ ୪ର୍ଥ ଶ୍ରେଣୀରେ ପାଠ ପଢୁଥିଲେ। ବିଦ୍ୟାଳୟ ଛୁଟି ହେବାପରେ ବରୁଆଁ-ବାଲିଚନ୍ଦ୍ରପୁର ରାସ୍ତାର ଖଣ୍ଡାସ ଛକ ନିକଟରେ ଛାତ୍ରୀ ଜଣକ ବିଦ୍ୟାଳୟ ଗାଡିରୁ ଓହ୍ଲାଇ ଘରକୁ ଯିବା ପାଇଁ ରାସ୍ତା ପାର ହେଉଥିବାବେଳେ ଏକ ଟ୍ରକ ଧକ୍କା ଦେବାରୁ ତାଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଉକ୍ତ ଦୁର୍ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଗାଁ ଲୋକେ ଛାତ୍ରୀଙ୍କ ମୃତଦେହ ରଖି ରାସ୍ତା ଅବରୋଧ କରିଥିଲେ। ପୋଲିସ ଘଟଣାସ୍ଥଳରେ ୨ଘଣ୍ଟା ବିଳମ୍ବରେ ପହଞ୍ଚିବାକୁ ନେଇ ଅସନ୍ତୋଷ ତୀବ୍ର ହୋଇଥିଲା। ରାସ୍ତା ଅବରୋଧ ୪ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଚାଲିଥିଲା। ଫଳରେ ଯାତାୟାତ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଥିଲା। ସନ୍ଧ୍ୟାରେ ଯାଜପୁର ଜିଲା ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅକ୍ଷୟ କୁମାର ମହାନ୍ତି, ବରୀ ଥାନାଧିକାରୀ ମାର୍କଣ୍ଡ ମିଶ୍ର, ଯାଜପୁର ସଦର ଥାନା ଅଧିକାରୀ ବଂଶୀଧର ବେହେରା, ରସୁଲପୁର ତହସିଲଦାର ଜ୍ୟୋତିକାନ୍ତ ଭୁଜବଳ, ଜିଲାପରିଷଦ ସଦସ୍ୟ ଚତୁର୍ଭୂଜ ଦ୍ୱିବେଦୀ, ସାମାଜିକ କର୍ମୀ ମଣ୍ଟୁ ଦାସ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଅବରୋଧକାରୀଙ୍କୁ ବୁଝାସୁଝା କରି ରାସ୍ତା ଅବରୋଧ ହଟାଇଥିଲେ। ମୃତ ଛାତ୍ରୀଙ୍କ ପରିବାରକୁ ରେଡକ୍ରସରୁ ୧୦ହଜାର ଟଙ୍କା, ହରିଶ୍ଚନ୍ଦ୍ର ଯୋଜନାରୁ ୨ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିବା ସହ ଅନ୍ୟ ସବୁ ବ୍ୟବସ୍ଥା କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଯାଜପୁର ସଦର ପୋଲିସ ଏ ନେଇ ଥାନାରେ ଏକ ମାମଲା ରୁଜୁ କରିବା ସହ ମୃତଦେହକୁ କରି ବ୍ୟବଚ୍ଛେଦ ପାଇଁ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାକେନ୍ଦ୍ରକୁ ପଠାଇ ତଦନ୍ତ ଜାରି ରଖିଛି। ପୋଲିସ ଦୁର୍ଘଟଣା ଘଟାଇ ଥିବା ସନ୍ଦେହରେ ଦୁଇଟି ଟ୍ରକକୁ ଥାନାରେ ଅଟକ ରଖିଥିବା ଜଣାଯାଇଛି।

# ଟଙ୍କା ଦେଣନେଣକୁ ନେଇ ବିବାଦ, ଥାନାରେ ଉଭୟ ପକ୍ଷରୁ ମାମଲା

ସୁକିନ୍ଦା,୧୬।୯(ଡି.ଏନ୍.ଏ)

ଯାଜପୁର ଜିଲା ସୁକିନ୍ଦା ଥାନା ଅଧୀନ ସୁକିନ୍ଦା ଗଡରେ ଟଙ୍କା ଦେଣନେଣକୁ ନେଇ ବିବାଦ ଉପୁଜିବାରୁ ମାମଲା ଥାନାରେ ପହଞ୍ଚିଛି। ଏ ନେଇ ଶନିବାର ଥାନାରେ ଉଭୟ ପକ୍ଷରୁ ଅଭିଯୋଗ ହେବା ପରେ ୨ଟି ପୃଥକ ମାମଲା ରୁଜୁ ହୋଇଛି। ଏହି ବିବାଦକୁ ନେଇ ସଂଖ୍ୟା ଲଘୁ ମହିଳାଙ୍କ ଅଭିଯୋଗ କ୍ରମେ ପୋଲିସ ଏକ ମାମଲ (ନଂ.୨୧୮/୧୯) ଅମଳେନ୍ଦୁବେହୁରାଙ୍କ ବିରୋଧରେ ୪୫୧, ୨୯୪, ୫୯୬, ୩୮୫, ୩୪ ଆଇପିସି ଦଫା ଆଧାରରେ ତଦନ୍ତ ଚଳାଇଛି। ଅପରପକ୍ଷେ ଅମଳେନ୍ଦୁ ମଧ୍ୟ ଶନିବାର ରାତିରେ ଉକ୍ତ ପରିବାରଙ୍କ ବିରୋଧରେ ସୁକିନ୍ଦା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏହି ଅଭିଯୋଗ ଆଧାରରେ (ନଂ. ୨୧୯/୧୮) ରୁଜୁକରି ତଦନ୍ତ ଜାରି ରଖିଛି। ଆଇନ ଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ଗ୍ରାମରେ ୨ଜଣ କନଷ୍ଟେବଲଙ୍କୁ ନିୟୋଜିତ କରାଯାଇଛି। ଏନେଇ ସୁକିନ୍ଦା ଏଏସ୍‌ଆଇ ସୁବାସ ଚନ୍ଦ୍ର ଦାସଙ୍କୁ ପଚାରିବାରୁ ଘଟଣାର ତଦନ୍ତ ଜାରିରହିଛି। ପୋଲିସ ଠିକ୍ ପଦକ୍ଷେପ ଗ୍ରହଣ କରି ତଦନ୍ତ ଜାରିରଖିଥିବା କହିଛନ୍ତି।

# ଜବରଦଖଲକୁ ବିରୋଧ କରିବାରୁ ଗଣ୍ଡଗୋଳ: ୫ ମହିଳା ଆହତ

ରସୁଲପୁର,୧୬।୯(ଡିଏନଏ)

ରସୁଲପୁର ବ୍ଲକ ରାଜେନ୍ଦ୍ରପୁର ପଞ୍ଚାୟତ ହାଟସାହି ଗ୍ରାମର ଗୋଚର ଜମି ଜବର ଦଖଲକୁ ଗ୍ରାମବାସୀ ବିରୋଧ କରିଛନ୍ତି। ଉକ୍ତ ବିରୋଧକୁ ନେଇ ଦୁଇଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଉପୁଜିଛି। ଏଥିରେ ୫ଜଣ ମହିଳା ଆହତ ହୋଇଛନ୍ତି। ଏ ନେଇ ଉଭୟ ରସୁଲପୁର ତହସିଲ ଓ କୁଆଖିଆ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ କୁଆଖିଆ ଥାନାଧିକାରୀ ମନୋଜ ସ୍ୱାଇଁ ଓ ରସୁଲପୁର ତହସିଲଦାର ଜ୍ୟୋତିକାନ୍ତ ଭୁଜବଳ ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି।

ପ୍ରକାଶ ଯେ, ଗ୍ରାମର ଭରତ ପରିଡ଼ାଙ୍କ ନିଜ ଜମି ଖାତା ନଂ-୨୩୫/୨୩, ପ୍ଲଟ ନଂ- ୪୪୯ରେ ଘର ରହିଛି। ଉକ୍ତ ଜମି ଘରବାଡି କିସମରେ ପରିବର୍ତ୍ତନ ହୋଇନାହିଁ। ହେଲେ ଉକ୍ତ ଘରକୁ ରାସ୍ତା ନେବା ପାଇଁ ଖାତା ନଂ-୨୩୯, ପ୍ଲଟ ନଂ-୪୧୭ କିସମ ଗୋଚର ଜମିରେ ସରକାରୀ ରାସ୍ତା ନିର୍ମାଣ କରାଯାଉଛି। ଏଥିପାଇଁ ରାସ୍ତା ଉପରେ ବାଲି ପକାଇ ଅବରୋଧ କରାଯାଉଛି। ଏହାକୁ ଗ୍ରାମବାସୀ ପକ୍ଷରୁ ୧୦ରୁ ଉର୍ଦ୍ଧ୍ୱ ମହିଳାଙ୍କ ସମେତ ବହୁ ଲୋକ ବିରୋଧ କରିଥିଲେ। ବିରୋଧକାରୀଙ୍କୁ ଜବରଦଖଲକାରୀ ଭରତ ପରିଡାଙ୍କ ନିର୍ଦ୍ଦେଶକ୍ରମେ ତାଙ୍କର ୪ ପୁଅ ଓ ସେମାନଙ୍କ ସମର୍ଥକମାନେ ଅବରୋଧକାରୀଙ୍କୁ ମାଡ ମାରିଥିଲେ। ବାଲି ବୋଝେଇ ଟ୍ରାକ୍ଟର ଚଢାଇ ମାରି ଦେବାକୁ ଉଦ୍ୟମ କରିଥିଲେ। ଟ୍ରାକ୍ଟର ଡାଲା ମାଡରେ ଗ୍ରାମର ରାଣିଆ ପଥାଳ, ମାଳତି ପଥାଳ, କବିତା ପଥାଳ, ମୁକ୍ତି ପଥାଳ, ଖୁଲଣା ପଥାଳ ପ୍ରମୁଖ ଆହତ ହୋଇଛନ୍ତି। ଆହତଙ୍କୁ ଗ୍ରାମବାସୀଙ୍କ ପକ୍ଷରୁ ପ୍ରଥମେ ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରୁ ପ୍ରାଥମିକ ଚିକିତ୍ସା ପରେ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାକେନ୍ଦ୍ରକୁ ପଠାଇ ଦିଆଯାଇଛି। ଉକ୍ତ ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଲାଗି ରହିଛି। ନିର୍ମାଣସ୍ଥଳ ସମ୍ପର୍କରେ ତହସିଲ ପକ୍ଷରୁ କୌଣସି ପ୍ରମାଣପତ୍ର ହାସଲ କରାଯାଇ ନାହିଁ। ଏଥିସହ ରାଜସ୍ୱ ନିରୀକ୍ଷକ ଘଟଣାସ୍ଥଳ ପରିଦର୍ଶନ କରିବା ସହ ମାପଚୁପ କରି ଜବରଦଖଲ ଜମି ଗୋଚର ବୋଲି ଜଣାପଡିଥିଲା। ପ୍ରଶାସନ ପକ୍ଷରୁ ନିର୍ମାଣଧିନ କାର୍ଯ୍ୟକୁ ବନ୍ଦ କରିଦିଆଯାଇଛି। ଏ ଦିଗରେ ତଦନ୍ତ ଜାରି ରହିଛି। ପୋଲିସ ଏକ ମାମଲା ରୁଜୁ କରିଛି ବୋଲି ଜଣାପଡିଛି।

# ବୃଦ୍ଧଙ୍କ ମୃତଦେହ ଉଦ୍ଧାର

**ବିଞ୍ଝାରପୁର,୧୬।୯(ଡି.ଏନ.ଏ):** ବିଞ୍ଝାରପୁର ବ୍ଲକ ଅଳକୁଣ୍ଡ ଫାଣ୍ଡି ଅନ୍ତର୍ଗତ ପ୍ରୀତିପୁରସ୍ଥିତ ବିନୋଦ ବିହାରୀ ଉଚ୍ଚ ବିଦ୍ୟାଳୟ ସମ୍ମୁଖ ରାସ୍ତାରେ ସୋମବାର ଭୋର ସମୟରେ ଏକ ମୃତଦେହ ପଡିଥିବା ସ୍ଥାନୀୟ ଲୋକ ଦେଖିବାକୁ ପାଇଥିଲେ। ଏହି ମୃତଦେହ ଅଳକୁଣ୍ଡ ଗ୍ରାପ ଦେୱାନପାଟଣା ଗ୍ରାମର ବିଷ୍ଣୁ ଚରଣ ସାହୁ(୫୮)ଙ୍କର ବୋଲି ଲୋକେ ଚିହ୍ନଟ କରି ତାଙ୍କ ଘରକୁ ଖବର ଦେଇଥିଲେ। ଅଳକୁଣ୍ଡ ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ବିଷ୍ଣୁଙ୍କ ମୃତଦେହ ଜବତ କରିବା ସହିତ ବ୍ୟବଚ୍ଛେଦ ପାଇଁ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ପ୍ରକାଶ ଥାଉକି, ଅଳକୁଣ୍ଡ ଗ୍ରାପ ଦେୱାନପାଟଣା ଗ୍ରାମର ବିଷ୍ଣୁଚରଣ ସାହୁ ଶରୀର ଅସୁସ୍ଥ ଥିବାରୁ ସଚିବାଳୟରୁ ଗତ ଦୁଇବର୍ଷ ତଳେ ସ୍ୱେଚ୍ଛାକୃତ ଅବସର ନେଇଥିଲେ। ତେବେ ସାହୁ ରବିବାର ରାତିରେ ଶୌଚ ପାଇଁ ଏକୁଟିଆ ନିଜ ଘର ସମ୍ମୁଖ ରାସ୍ତାକୁ ଆସି ହୃଦ୍‌ଘାତରେ ମୃତ୍ୟୁବରଣ କରିଥିବାର ଆଶଙ୍କା ଦେଖାଦେଇଛି। ଏହି ଘଟଣାକୁ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୨୮/୧୯) ରୁଜୁ କରି ତଦନ୍ତ ଚଳାଇଛି।

# ସାଳନ୍ଦୀ ନଦୀରୁ ମୃତଦେହ ଉଦ୍ଧାର

ଠାକୁରମୁଣ୍ଡା,୧୬।୯(ଡି.ଏନ୍.ଏ.)

ମୟୂରଭଞ୍ଜ ଜିଲା ମହୁଲଡ଼ିହା ଥାନା ଅନ୍ତର୍ଗତ ସାତକୋଶିଆ ପଞ୍ଚାୟତର ଜାମୁନଣ୍ଡା ଗ୍ରାମର ଜଣେ ବ୍ୟକ୍ତିଙ୍କ ମୃତଦେହ ରବିବାର ରାତିରେ ସାଳନ୍ଦୀ ନଦୀରୁ ଉଦ୍ଧାର କରାଯାଇଛି। ମୃତ ବ୍ୟକ୍ତି ଜଣକ ସେହି ଗ୍ରାମର ସେଲାୟ ବୁଡିଓଲି (୫୦) ବୋଲି ଜଣାପଡ଼ିଛି । ଶୁକ୍ରବାର ସକାଳୁ ସେଲାୟ ଏକ ସାଇକେଲ ନେଇ ଘରୁବାହାରକୁଯାଇ ଆଉ ଫେରିନଥିଲେ।





3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୧୭ ସେପ୍ଟେମ୍ବର, ୨୦୧୯



ସତ୍ୟ, ଶାନ୍ତି, ଦୟା, କ୍ଷମା, ସଂସାରରେ ସାର ଜିନିଷ ଅଟେ। ଏହା ଆଚରଣ କରୁ ନ ଥିବା ବ୍ୟକ୍ତିର ଜନ୍ମ ବିଫଳ। ଏଥିରେ ସନ୍ଦେହ ନାହିଁ।
- ଶ୍ରୀ ଅଭିରାମ ପରମହଂସ



## ସଂକ୍ଷେପରେ

### ନୂତନ ସଭ୍ୟ ସଂଗ୍ରହ ଅଭିଯାନ

**ବିଞ୍ଝାରପୁର,୧୬।୯(ଡି.ଏନ.ଏ):** ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ କଲ୍ୟାଣପୁର ପଞ୍ଚାୟତରେ ସୋମବାର ବାବା ବରୁଣେଶ୍ୱର ପୀଠ ପ୍ରାଙ୍ଗଣରେ ପଞ୍ଚାୟତସ୍ତରୀୟ ବିଜେଡି ପକ୍ଷରୁ ନୂତନ ସଭ୍ୟ ସଂଗ୍ରହ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ କଲ୍ୟାଣପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ କାଳୀପ୍ରସନ୍ନ ଦାସଙ୍କ ଅଧକ୍ଷତାରେ ହୋଇଥିଲାବେଳେ ଅନ୍ୟମାନଙ୍କ ମଧ୍ୟରେ ସମିତିସଭ୍ୟ ରମେଶ ରାଉତ, ରାମନାରାୟଣ ଦାସ, ସୁଧିର ଯେନା, କାର୍ତ୍ତିକ ଯେନା, ଲିପୁନା ବଳ, ଅଭୟ ବଳ, ବିଜୟ କର, ରାଜୀବ ସାମଲ ପ୍ରମୁଖ ଛାମୁଆ ବିଜେଡି କର୍ମୀ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଶତାଧିକ ନୂତନ ସଭ୍ୟ ସଂଗ୍ରହ କରାଯାଇଛି ବୋଲି ଯୁବନେତା ଶଙ୍କର୍ଷଣ ବାରିକ ସୂଚନା ଦେଇଛନ୍ତି।

### ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ସମ୍ବର୍ଦ୍ଧନା ସଭା

**ରସୁଲପୁର,୧୬।୯(ଡିଏନଏ):** ଯାଜପୁର ଜିଲା ମିଳିତ କ୍ରିୟାନୁଷ୍ଠାନ କମିଟି ଆନୁକୂଲ୍ୟରେ ଏକ ସମ୍ବର୍ଦ୍ଧନା ସଭା ସୋମବାର ଅନୁଷ୍ଠିତ ହୋଇଯାଇଛି। କମିଟି ସଭାପତି ଗୟାଧର ମଲିକଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାୟଗଡା ସ୍ୱାଧିନ ବିଧାୟକ ମକରନ୍ଦ ମୁଦୁଲି ଯୋଗଦେଇ ଥିଲେ। ତାଙ୍କୁ କମିଟି ପକ୍ଷରୁ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଉକ୍ତ ଉତ୍ସବରେ ସମ୍ମାନିତ ଅତିଥି ଭାବେ ରାଜ୍ୟ ସାମାଜିକ ନ୍ୟାୟ ଅଭିଯାନ କର୍ମୀ ମାନସ କୁମାର ଲେଙ୍କା, ଅନୁସୂଚିତ ଜନଜାତି ନେତା ବିଦ୍ୟାଧର ଦୁରିଆ, ଦେବବ୍ରତ ରାଉତ, ରବୀନ୍ଦ୍ର ମଲିକ, ଶଶିକାନ୍ତ ମଲିକ, ମାଗୁଣି ଜେନା, କାଜଲ ନାୟକ, ଜଳଧର ମଲିକ, ସୋମନାଥ ଦାସ, ଦୁଷ୍ମନ୍ତ ଜେନା, ଗୀତା ମହାନ୍ତ, ପାଣ୍ଡବ ଚରଣ ଜେନା ପ୍ରମୁଖ ଯୋଗଦେଇ ସ୍ୱାଧିନ ବିଧାୟକଙ୍କ ଗୁଣଗାନ କରିଥିଲେ। ସୋମନାଥ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

### ସ୍ୱଚ୍ଛତା ଦିବସ, ପୁରସ୍କାର ବିତରଣ

**ସିଂହପୁର,୧୬।୯(ଡିଏନଏ):** ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁର ନୋଡାଲ ଉପ୍ରା ବିଦ୍ୟାଳୟରେ ସୋମବାର ସ୍ୱଚ୍ଛତା ଦିବସର ଶେଷ ଦିନରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଗଣେଶ ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଖବରଦାତା ଅନିରୁଦ୍ଧ ବେଉରିଆ, ବିଦ୍ୟାଳୟର ସହକାରୀ ଶିକ୍ଷକ ଦୁଷ୍ମନ୍ତ ସାମଲ, ସୁବ୍ରତ ପତି, ଶିକ୍ଷୟିତ୍ରୀ ନିବେଦିତା ନାୟକ ଉପସ୍ଥିତ ଥିଲେ। ପ୍ରବନ୍ଧ ଲିଖନ ଓ ବକ୍ତୃତା ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। କୃତୀ ଛାତ୍ରୀ ଅନିସା ମଲିକ, ଜ୍ୟୋତିରାଣୀ ପଣ୍ଡା, ନମିତା ସାହୁ, କାଳନ୍ଦି ସାହୁ, ଶୁଭଲକ୍ଷ୍ମୀ ଧଳ, କୁମକୁମ ଜେନା, ଧ୍ରୁତି ଦୀପା ନାୟକ ପ୍ରମୁଖ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## ■ ଚିନ୍ତାରେ ମାଟି କାରିଗର

# ପରିଶ୍ରମ ଅନୁସାରେ ମିଳୁନି ପାରିଶ୍ରମିକ

**ଯାଜପୁର ଅଫିସ,୧୬।୯**

ଗଣେଶ ପୂଜା ପରେ ଶିଳ୍ପ ସମୃଦ୍ଧ, ସାଂସ୍କୃତିକ ତଥା ଐତିହ୍ୟ ସମ୍ପନ୍ନ ଯାଜପୁର ଜିଲାରେ ଉତ୍ସବର ମାହୋଲ ସୃଷ୍ଟି ହୋଇଛି। ପାର୍ବଣ ଋତୁ ଆରମ୍ଭ ହୋଇସାରିଛି ମଙ୍ଗଳବାର କନ୍ୟା ସଂକ୍ରାନ୍ତିରେ ଦେବଶିଳ୍ପୀ ବିଶ୍ୱ ନିର୍ମାତା ପ୍ରଭୁ ବିଶ୍ୱକର୍ମାଙ୍କ ପୂଜା ଆରମ୍ଭ ହେବାକୁ ଯାଉଛି। ଏହି ପୂଜା ପାଇଁ ବର୍ତ୍ତମାନ ସହରର ଚାରିଆଡେ ଅଧ୍ୟାତ୍ମିକ ବାତାବରଣ ସୃଷ୍ଟି ହୋଇଛି। ଆନନ୍ଦ, ଉତ୍ସାହ, ଉଦ୍ଦୀପନା ଓ ଭକ୍ତିଭାବରେ ଭକ୍ତ ନିଜକୁ ସମର୍ପିତ କରିବାକୁ ତତ୍ପର ରହିଛନ୍ତି। ଦେବଶିଳ୍ପୀଙ୍କ ମୂର୍ତ୍ତି ଓ ତୋରଣ ସାଜସଜ୍ଜାକୁ ଆକର୍ଷଣୀୟ କରିବା ପାଇଁ ନିୟୋଜିତ କାରିଗରମାନେ ଲାଗି ପଡିଛନ୍ତି। ଏହିକ୍ରମରେ ଯାଜପୁରରୋଡ ଗଣେଶ ମାର୍କେଟସ୍ଥିତ ଏକ ମୂର୍ତ୍ତି କାରିଗର ଦୋକାନରେ ଦେବଶିଳ୍ପୀଙ୍କ ମୂର୍ତ୍ତି କିଣିବାକୁ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଛି। ଯାଜପୁର ଜିଲା ରସୁଲପୁର ବ୍ଲକ ବାଲିପାଟଣା ଗ୍ରାମର ଅଜୟ ରଣା(୩୨) ଦୀର୍ଘ ୭ବର୍ଷ ହେଲା ଏଠାରେ ମୂର୍ତ୍ତି ତିଆରି କରି ଆସୁଛନ୍ତି। ତେବେ ଦେବଶିଳ୍ପୀଙ୍କ ମୂର୍ତ୍ତି ସେତେଟା ବିକ୍ରି ହେଉ ନ ଥିଲେ ହେଁ ୫୦ରୁ ୬୦ଟି ମୂର୍ତ୍ତି ବିକ୍ରି ହେଉଥିବା ସେ ପ୍ରକାଶ କରିଛନ୍ତି। ଏଥିରେ କଳା, ସଂସ୍କୃତି ଓ ପରମ୍ପରାର ନିଦର୍ଶନ ଯାଜପୁର ଜିଲା ତଥା କଳିଙ୍ଗନଗର ଶିଳ୍ପାଞ୍ଚଳ ଓ ରତ୍ନଗର୍ଭା ସୁକିନ୍ଦା ଅଞ୍ଚଳରେ ବିଶ୍ୱକର୍ମା ପୂଜା ସେତେଟା ଆଡମ୍ବରରେ ହେଉ ନ ଥିବା ମନେ ହେଉଛି। ଏହାବାଦ୍ କାରିଗର ଅଜୟଙ୍କ ତୂଳୀରେ ମା' ଦୁର୍ଗାଙ୍କ ମୂର୍ତ୍ତି, ଲକ୍ଷ୍ମୀ, ଗଣେଶ ଓ ସ୍ୱରସ୍ୱତୀ, କାଳୀ ମୂର୍ତ୍ତି ନିର୍ମାଣ ହୋଇଥାଏ। ଅଜୟଙ୍କ କହିବା ଅନୁସାରେ ମୂର୍ତ୍ତି ତିଆରିରେ ବାର୍ଷିକ ୧ରୁ ଦେଢ଼ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଉପାର୍ଜନ ହୋଇଥାଏ। ପରିଶ୍ରମ ତୁଳନାରେ ପାରିଶ୍ରମିକ ମିଳୁ ନ ଥିବାରୁ ଆଜିର ମହଙ୍ଗା ଯୁଗରେ ପରିବାର ଚଳାଇବା କଷ୍ଟକର ହୋଇପଡ଼ିଛି ବୋଲି ସେ କହିଛନ୍ତି। ମାଟ୍ରିକ ଶିକ୍ଷା ପରେପରେ ଅଜୟ ଏହି ବୃତ୍ତିକୁ ଆପଣାଇଛନ୍ତି। ତାଙ୍କ ବାପା ରାଜୀବ ରଣା ଦୀର୍ଘ ୫୦ବର୍ଷ ଧରି ମୂର୍ତ୍ତିତିଆରି କରିଆସୁଥିଲେ। ବୟସ ହେବା ପରେ ସେ ଆଉ ମୂର୍ତ୍ତି ନିର୍ମାଣ କରିପାରୁ



■ଆଜି ଦେବଶିଳ୍ପୀଙ୍କ ପୂଜା ଉତ୍ସବ
■ଆଶାନୁରୂପକ ହେଉନି ମୂର୍ତ୍ତି ବିକ୍ରି
■ବହୁ ଦୂରରେ ସରକାରୀ ସହାୟତା

ନାହାନ୍ତି। ଅଭିମନ୍ୟୁ ରଣା ଓ ବିକ୍ରମ ସାହୁଙ୍କୁ ସହାୟକ କାରିଗର ଭାବେ ନେଇ ଅଜୟ ଏଠାରେ ମୂର୍ତ୍ତି ତିଆରି କରି ବ୍ୟବସାୟ କରି ଆସୁଛନ୍ତି। ଚଳିତ ବର୍ଷ ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ମୂର୍ତ୍ତି ସେତେଟା ବିକ୍ରି ହେଉ ନ ଥିବାରୁ ସେ ନିରାଶ ହୋଇପଡିଛନ୍ତି। ହସ୍ତଶିଳ୍ପ କାରିଗରଙ୍କ ଆର୍ଥିକ କ୍ଷେତ୍ରରେ ବିକାଶ ପାଇଁ ସରକାର ବହୁବିଧ ଯୋଜନା କରିଥିଲେ ହେଁ କଳିଙ୍ଗନଗର ଆଞ୍ଚଳିକ ଶିଳ୍ପକେନ୍ଦ୍ର ପକ୍ଷରୁ ତାଙ୍କୁ ଏଯାଏ କୌଣସି ସହାୟତା ପ୍ରଦାନ କରିନାହାନ୍ତି ବୋଲି ଅଜୟ କହିଛନ୍ତି। ବିଭିନ୍ନ ଶିଳ୍ପସଂସ୍ଥାରେ ସାଧାରଣ ଭାବେ ବିଶ୍ୱକର୍ମା ପୂଜା ହେଉଥିବାବେଳେ କାଳିଆପାଣି ଅଞ୍ଚଳର ବିଭିନ୍ନ ଖଣି କମ୍ପାନୀ ପକ୍ଷରୁ ବିଶ୍ୱକର୍ମା ପୂଜା ହୋଇଥାଏ। କିନ୍ତୁ ଚଳିତବର୍ଷ ଶିଳ୍ପ କାରଖାନା କ୍ଷେତ୍ରରେ ମାନ୍ଦାବସ୍ଥା ଯୋଗୁ କଳିଙ୍ଗନଗରର ବିଭିନ୍ନ କାରଖାନା ସମେତ ଟାଟା ମାଇନ୍ସ, ଜିନ୍ଦଲ ଷ୍ଟେନଲେସ ଖଣି, ଇମ୍ଫା, ଓଡ଼ିଶା ଖଣି ନିଗମ, ଫେକର, ମିଶ୍ରିଲାଲ, କମର୍ଦ୍ଧା ଆଦି ଖଣି ଅଞ୍ଚଳରେ ବିଶ୍ୱକର୍ମା ପୂଜାର ସେତେଟା ଉତ୍ସାହ ପରିଲକ୍ଷିତ ହୋଇନାହିଁ। ତେବେ ଜିଲାର ନେସ୍କୋ, ପୂର୍ତ୍ତ ଓ ଗୃହ ନିର୍ମାଣ, ବିଦ୍ୟୁତ ବିଭାଗର ସମସ୍ତ ଖଣ୍ଡ, ଜନସ୍ୱାସ୍ଥ୍ୟ ବିଭାଗ, ଟେଲିଫୋନ ଏକ୍ସେଞ୍ଜ, ବସଷ୍ଟାଣ୍ଡ, ରେଲୱେ ଷ୍ଟେଶନ, ଅଟୋଷ୍ଟାଣ୍ଡ, ଟ୍ରକ ମାଲିକ ସଂଘ ପ୍ରଭୃତି ସ୍ଥାନରେ ବିଶ୍ୱକର୍ମା ପୂଜା ପାଳନ କରାଯାଉଛି। ଏତଦ୍‌ବ୍ୟତୀତ ସହରର ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନ ସମେତ ବିଭିନ୍ନ ଯାନ୍ତ୍ରିକ ଦୋକାନ ଏବଂ ଶିକ୍ଷାନୁଷ୍ଠାନରେ ସମାରୋହରେ ବିଶ୍ୱକର୍ମା ପୂଜା ଅନୁଷ୍ଠିତ ହେଉଛି।

## ଗୋଷ୍ଠୀ ସଂଘର୍ଷ ଘଟଣା, ୩୭ ଜଣଙ୍କ ନାମରେ ମାମଲା

**ଚଣ୍ଡିଖୋଲ,୧୬।୯(ଡ଼ି.ଏନ.ଏ)**

ବାଲିଚନ୍ଦ୍ରପୁର ଥାନା ଭରତପୁର ପଞ୍ଚାୟତ ଅଧୀନ ପଣସୁଧା ଗ୍ରାମରେ ଠାକୁର ପିଣ୍ଡି ନିର୍ମାଣକୁ ନେଇ ଘଟିଥିବା ଗୋଷ୍ଠୀ ସଂଘର୍ଷ ଘଟଣାରେ ଦୁଇ ଗୋଷ୍ଠୀର ୩୭ ଜଣଙ୍କ ନାମରେ ମାମଲା ରୁଜୁ ହୋଇଛି। ବାଲିଚନ୍ଦ୍ରପୁର ପୋଲିସ ଗୋଟିଏ ଗୋଷ୍ଠୀ ତରଫରୁ ଦିଆଯାଇଥିବା ମାମଲା (ନଂ. ୨୨୭/୧୯)ରେ ୨୫ ଜଣଙ୍କ ନାମରେ ମାମଲା ରୁଜୁ ହୋଇଥିଲାବେଳେ ୧୨ଜଣଙ୍କ ନାମରେ ଆଉ ଏକ ମାମଲା (ନଂ.୨୨୮/୧୯)ରେ ରୁଜୁ କରିଛି। ଗୋଟିଏ ମାମଲାକୁ ଡିଏସ୍‌ପି ରାଜେନ୍ଦ୍ର ନାରାୟଣ ଶତପଥୀ ପଣସୁଧା ଗ୍ରାମକୁ ଯାଇ ତଦନ୍ତ କରି ଫେରି ଆସିଛନ୍ତି। ଅନ୍ୟ ଏକ ମାମଲାକୁ ଥାନାର ଏଏସ୍‌ଆଇ ସନ୍ତୋଷ କୁମାର ଭୂୟାଁ ପରିଚାଳନା କରୁଛନ୍ତି। ଏହି ଗୋଷ୍ଠୀ ସଂଘର୍ଷ ଘଟଣାଟି ରାଜନୈତିକ ରୂପରେଖ ନେଇଥିଲାବେଳେ ଉଭୟ ପକ୍ଷରୁ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରାଯିବ ବୋଲି ଡିଏସପି ଶତପଥୀ ସୂଚନା ଦେଇଛନ୍ତି।

## ଯାଜପୁର ପୌରପାଳିକା ସଫେଇ କର୍ମଚାରୀଙ୍କ ଧର୍ମଘଟ

### ଇପିଏଫ ଅର୍ଥ ଜମା ହେଉ ନ ଥିବା ଅଭିଯୋଗ

**ଯାଜପୁର ଟାଉନ,୧୬।୯(ଡିଏନଏ)**

ଯାଜପୁର ପୌରପାଳିକା ଅଧୀନରେ ୭୨ଜଣ ସଫେଇ କର୍ମଚାରୀ ଏକ ଆଉଟ୍‌ସୋର୍ସିଂ ସଂସ୍ଥା ମାଧ୍ୟମରେ ୨୦୧୬ ମସିହାରୁ କାର୍ଯ୍ୟ କରି ଆସୁଛନ୍ତି। ସେମାନଙ୍କ ଇପିଏଫ୍ ଅର୍ଥ ଠିକ୍‌ଭାବେ ଜମା ହେଉ ନ ଥିବା ଅଭିଯୋଗ କରିବା ସହ ଦୈନିକ ୨୮୦ ଟଙ୍କାରେ କାର୍ଯ୍ୟ କରିବା ଅସମ୍ଭବ ବୋଲି ଦାବି କରି ସୋମବାର ପୌରପାଳିକା କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ କରିଥିଲେ। ସଫେଇ କର୍ମଚାରୀଙ୍କ ଅଭିଯୋଗ ଅନୁଯାୟୀ, ୨୦୧୬ରୁ ବର୍ଡର ସିକ୍ୟୁରିଟି ଫୋର୍ସ (ଆଉଟ୍‌ସୋର୍ସିଂ) ସେମାନଙ୍କୁ ୨୮୦ ଟଙ୍କା ଦୈନିକ ପ୍ରଦାନ କରିବା ସହ ୮ ଘଣ୍ଟା କାର୍ଯ୍ୟ କରାଉଛି। ସେମାନଙ୍କ ଇପିଏଫ୍ ଅର୍ଥ ଜମା କରାଯାଉଛି କି ନାହିଁ ସେ ସମ୍ପର୍କିତ କୌଣସି କାଗଜପତ୍ର ସଂସ୍ଥା ପ୍ରଦାନ କରୁନାହିଁ। ସଫେଇ କରୁଥିବା ସମସ୍ତ କର୍ମଚାରୀଙ୍କୁ ଜୋତା,



ଧର୍ମଘଟରେ ସାମିଲ ହୋଇଥିବା ସଫେଇ କର୍ମଚାରୀ।

ରେନିକୋଟ୍ , ମାକ୍ସ ଏବଂ ଗ୍ଲୋଭ୍‌ସ ଆଦି ପ୍ରଦାନ କରା ନ ଯିବାରୁ କର୍ମଚାରୀମାନେ ସଂକ୍ରମଣର ଶିକାର ହେଉଛନ୍ତି। ଦୈନିକ ୨୮୦ଟଙ୍କା ପରିବର୍ତ୍ତେ ୩୫୦ଟଙ୍କା ଦେବାକୁ ଦାବି କରିବା ସହ ସେମାନଙ୍କ ପରିବାର ସୁରକ୍ଷା ନିମନ୍ତେ ଇନ୍ସ୍ୟୁରାନ୍ସ ପ୍ରଦାନ କରିବା ପାଇଁ ଏକ ଦାବିପତ୍ର ପୌରନିର୍ବାହୀ ଅଧିକାରୀ ଅଜୟ କୁମାର ମହାନ୍ତିଙ୍କୁ ପ୍ରଦାନ କରିଛନ୍ତି। ଏ ସମ୍ପର୍କରେ ପୌରପାଳିକାର ଓଏସ୍‌ଡ଼ି ସୁଦର୍ଶନ ମିଶ୍ର ଧର୍ମଘଟ ସ୍ଥାନରେ ପହଞ୍ଚି ଆଉଟ୍‌ସୋର୍ସିଂ ସଂସ୍ଥାର ମାଲିକଙ୍କୁ ଡକାଇ ଆଲୋଚନା କରିଥିଲେ। କର୍ମଚାରୀମାନେ ସେମାନଙ୍କର ସମସ୍ତ କାଗଜପତ୍ର ପ୍ରଦାନ କରି ନ ଥିବାରୁ ବ୍ୟକ୍ତିଗତ ଭାବେ ଇପିଏଫ ତଥ୍ୟ ଦିଆଯାଇପାରୁ ନାହିଁ ବୋଲି କହିଥିଲେ। ୧୫ଦିନ ମଧ୍ୟରେ ସମସ୍ତ କର୍ମଚାରୀଙ୍କୁ ସେମାନଙ୍କ ବ୍ୟକ୍ତିଗତ ଜମା ହୋଇଥିବା ଇପିଏଫ୍ ଅର୍ଥ ତଥ୍ୟ ପ୍ରଦାନ କରାଯିବ ବୋଲି ପ୍ରକାଶ କରିଛନ୍ତି।

## ଜଲ୍‌ସାରେ ଯୋଗଦେଲେ ବିଧାୟିକା, ମଦ୍ରାସା ସ୍ଥିତି ପରଖିଲେ

**ରସୁଲପୁର,୧୬।୯(ଡିଏନଏ)**

ରସୁଲପୁର ବ୍ଲକ ମୁସଲିମ ବହୁଳ ଅଞ୍ଚଳ ବ୍ରହ୍ମବରଦା ପଞ୍ଚାୟତରେ ଅନୁଷ୍ଠିତ ଜଲସା କାର୍ଯ୍ୟକ୍ରମରେ ବରୀ ବିଧାୟିକା ସୁନନ୍ଦା ଦାସ ଯୋଗ ଦେଇଥିଲେ। ଧର୍ମଗୁରୁ ଇମାମ୍ ହାସାହୋସେନଙ୍କ ଶ୍ରାଦ୍ଧବାର୍ଷିକୀ ଅବସରରେ ଆୟୋଜିତ ଜଲ୍‌ସା କାର୍ଯ୍ୟକ୍ରମରେ ଇସଲାମ ଧର୍ମୀୟ ଚେତନା, ତତ୍ତ୍ୱ ଓ ମହତବାଣୀ ସମ୍ପର୍କରେ ବିଧାୟିକା ଦାସ ବୁଝାଇ କହିଥିଲେ। ଏହି ଅବସରରେ ସମୂହ ନମାଜ ପାଠ କରାଯିବା ସହ ପ୍ରତ୍ୟେକ ମୁସଲିମ ଭାଇଙ୍କ ମଧ୍ୟରେ ଭାଇଚାରା ଭାବ ଉଦ୍ରେକ ହୁଏ ବୋଲି ଅତିଥି ଭାବେ ଯୋଗ ଦେଇଥିବା ବିଜେଡି ନେତା ପ୍ରଦୀପ ଦାସ, ଦେବେନ୍ଦ୍ର ଦାସ, ଜିଲାପରିଷଦ ସଭ୍ୟ ଅଶୋକ ସାମଲ, ଶରତ ପାଣ୍ଡେ, ସରପଞ୍ଚ ବିଜୟ ଦାସ, ସମିତିସଭ୍ୟ ଅଟଳ ବିହାରୀ ଦାସ, ଜୁଲଫିକର ଅଲ୍ଲୀ ରାକେଶ ଦେଓ, ବିଷ୍ଣୁମୋହନ ଦେଓ, ଅଶୋକ ଦାସ, ସାବିର ଅଲ୍ଲୀ, ଜୁମନ୍ ସାର, ନାସିର ବଡୁଭାଇ, ମହମ୍ମଦ ଇଜ୍ଜୁ, ସେକ୍ ଅଜିଜ୍ ଉଲ୍ଲା, ମୁନା ଖାଁ, ସାହିଲ, ସେର ଅଲ୍ଲୀ ପ୍ରମୁଖ ମତ ରଖିଥିଲେ। ଏଥିସହ ବିଧାୟିକା ସମସୁଲ ମାରିଫ୍ ମଦ୍ରସାକୁ ପରିଦର୍ଶନ ଯାଇ ସ୍ଥିତି ପରଖି ଥିଲେ । ଏଠାରେ ପରିଚାଳନା କମିଟି ପକ୍ଷରୁ ସେକ୍ ଅବୁଲ କାଲାମ, ଅବୁ ବୁନୟାନ, ଅକ୍ତର ହୋସେନ୍, ସେକ୍ ଅୟୁବ ଅଲଲ୍ଲୀ, ତୟାଜୁଲ ହକ୍‌ଙ୍କ ସମେତ ଅନ୍ୟବ୍ୟକ୍ତିମାନେ ବିଧାୟିକା ଓ ଅନ୍ୟ ଅତିଥିମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ମଦ୍ରାସରେ ଥିବା ସମସ୍ୟା ସମ୍ପର୍କରେ କମିଟି ପକ୍ଷରୁ ଅବଗତ କରାଯାଇଥିଲା।

## ପ୍ରଧାନମନ୍ତ୍ରୀ ଆବାସ ଯୋଜନାର କାର୍ଯ୍ୟାଦେଶ ବଣ୍ଟନ

**ଦଶରଥପୁର,୧୬।୯(ଡିଏନ୍ଏ)**

ଦଶରଥପୁର ବ୍ଲକର ୧୮ ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର କାର୍ଯ୍ୟାଦେଶ ବଣ୍ଟନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସୋମବାର ବ୍ଲକ ସମ୍ମିଳନୀ ଗୃହରେ ଯାଜପୁର ନିର୍ବାଚନମଣ୍ଡଳୀରେ ସାମିଲ ଥିବା ଏହି ପଞ୍ଚାୟତ ପାଇଁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଆବାସ ଗୃହର କାର୍ଯ୍ୟାଦେଶ ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ୧୮ଟି ପଞ୍ଚାୟତର ୨୨୪ ଜଣ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କାର୍ଯ୍ୟାଦେଶ ଦିଆଯାଇଛି। ଉପସ୍ଥିତ ୫୦ରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିବାବେଳେ ଆସି ନ ଥିବା ତାଲିକାଭୁକ୍ତ ଅନ୍ୟ ହିତାଧିକାରୀମାନେ ନିଜ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କଠାରୁ କାର୍ଯ୍ୟାଦେଶ ନେବା ଲାଗି ବ୍ଲକ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। କାର୍ଯ୍ୟାଦେଶ ପ୍ରଦାନ ଉତ୍ସବରେ ବିଡିଓ ନାରାୟଣ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ବ୍ଲକ ଅଧକ୍ଷା ସୁଜାତା ସାହୁ, ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କ ପ୍ରତିନିଧି କର୍ଣ୍ଣାଟ କେଶରୀ ଦାସ ଉପସ୍ଥିତ ଥିଲେ। ସେହିପରି ଏହି ବ୍ଲକରେ ସାମିଲ ଥିବା ବିଞ୍ଝାରପୁର ନିର୍ବାଚନମଣ୍ଡଳୀର ୧୫ ପଞ୍ଚାୟତ ପାଇଁ ନିକଟରେ ମଙ୍ଗଳପୁରସ୍ଥିତ ବିଜୁ କଲ୍ୟାଣ ମଣ୍ଡପଠାରେ କାର୍ଯ୍ୟାଦେଶ ବଣ୍ଟନ ମେଳା ଅନୁଷ୍ଠିତ ହୋଇଥିଲା। ସମସ୍ତ ୧୫ ପଞ୍ଚାୟତ ପାଇଁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା। ତେବେ କେତେକ ତ୍ରୁଟିଲାଗି ଆବାସ ଯୋଜନାରୁ ବାଦ୍ ପଡିଥିବା ଯାଜପୁର ନିର୍ବାଚନମଣ୍ଡଳୀର ଛତିଶା ଏବଂ ମଲ୍ଲିକାପୁର ପଞ୍ଚାୟତକୁ ଖୁବ୍‌ଶୀଘ୍ର ଯୋଜନାରେ ସାମିଲ କରାଯାଇ ଉପଯୁକ୍ତ ହିତାଧିକାରୀଙ୍କୁ ଗୃହ ଯୋଗାଇ ଦିଆଯିବ ବୋଲି ବିଡିଓ ନାୟକ ସୂଚନା ଦେଇଛନ୍ତି ।

## ୧୦୩ ଅଭିଯୋଗ ତତ୍କାଳ ସମାଧାନ

**ଚଣ୍ଡିଖୋଲ,୧୬।୯(ଡ଼ି.ଏନ.ଏ)**

**ଜନଶୁଣାଣି ଶିବିର**

ବଡ଼ଚଣା ବ୍ଲକ ପରିସରରେ ସୋମବାର ଜିଲାସ୍ତରୀୟ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ଯାଜପୁର ଜିଲାପାଳ ରଞ୍ଜନ କୁମାର ଦାସ ଓ ଏସପି ଚରଣ ସିଂହ ମୀନା ଯୋଗଦେଇ ଶୁଣାଣି କରିଥିଲେ। ଶିବିରରେ ୨୮୨ଟି ଅଭିଯୋଗ ହୋଇଥିଲାବେଳେ ସେଥିରୁ ସାମୂହିକ ୧୧ଟି ଓ ବ୍ୟକ୍ତିଗତ ୨୫୮ଟି ଅଭିଯୋଗ ହୋଇଥିଲା। ଏହି ଅଭିଯୋଗ ମଧ୍ୟରୁ ତତ୍କାଳ ୧୦୩ଟି ଅଭିଯୋଗର ସମାଧାନ କରାଯାଇଥିଲା। ସେହିପରି ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୧୩ଜଣଙ୍କୁ ୧ଲକ୍ଷ ୨୦ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ମନୋଜ କୁମାର ବେହେରା, ବଡ଼ଚଣା ବିଡ଼ିଓ ଅଜିତ୍ ନାରାୟଣ ପ୍ରସାଦ ଗିରି, ଦର୍ପଣ ତହସିଲଦାର ଅଶୋକ କୁମାର ଦାସ, ଜିଲା ସମାଜମଙ୍ଗଳ ଅଧିକାରୀ ବିଜୟ ଲକ୍ଷ୍ମୀ ପଣ୍ଡା ଓ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀଙ୍କ ସମେତ ଜିଲା ସ୍ତରୀୟ ସମସ୍ତ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ଶିବିରରେ ବଡ଼ଚଣା ବ୍ଲକସ୍ତରୀୟ ମିନିଷ୍ଟାଡ଼ିୟମ ନିର୍ମାଣ ବିଳମ୍ବ ହେଉଥିବା ସମ୍ପର୍କରେ ବହୁ ଲୋକ ଅଭିଯୋଗ କରିଥିଲେ। ଦୀର୍ଘ ୬ବର୍ଷ ହେଲା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲେ ହେଁ ତାହା ଅଧାପନ୍ତରିଆ ହୋଇ ପଡ଼ିରହିଛି। ଯେଉଁଥିପାଇଁ ବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରୀୟ ଛାତ୍ରୀଛାତ୍ରମାନେ ଖେଳକୁଦରୁ ବଞ୍ଚିତ ହେଉଛନ୍ତି। ତୁରନ୍ତ ଏହାର ନିର୍ମାଣ ଶେଷ କରିବାକୁ ଜିଲାପାଳଙ୍କୁ ନିବେଦନ କରିଥିଲେ। ସେହିଭଳି ସରକାରଙ୍କ ହରିଶ୍ଚନ୍ଦ୍ର ଯୋଜନାରୁ ସୁଙ୍ଗୁଡ଼ା ପଞ୍ଚାୟତର ୧୩ଜଣ ଯୋଗ୍ୟ ହିତାଧିକାରୀ ବଞ୍ଚିତ ହୋଇଥିବା ଅଭିଯୋଗ ହୋଇଥିଲା। ଦଶରଥପୁର ବ୍ଲକ ଅଞ୍ଚଳର ଜଣେ ଭିନ୍ନକ୍ଷମ ମହିଳା ଟ୍ୟୁମର ସମେତ ବିଭିନ୍ନ ରୋଗରେ ଆକ୍ରାନ୍ତ ଅଛନ୍ତି। ସେ ଆଦୌ ଉଠି ବସି ପାରନ୍ତି ନାହିଁ କି କଥା କହିପାରନ୍ତି ନାହିଁ। ଏହି ମହିଳାଙ୍କ ସହାୟତା ପାଇଁ ତାଙ୍କ ବାପା ନୃସିଂହ ଜିଲା କାର୍ଯ୍ୟାଳୟ ସହିତ ଦଶରଥପୁର ବ୍ଲକ କାର୍ଯ୍ୟାଳୟ ଦୌଡ଼ି ଦୌଡ଼ି ନିରାଶ ହୋଇଛନ୍ତି। ତାଙ୍କୁ ସହାୟତା ଯୋଗାଇ ଦେବାକୁ ଦାବି କରିଥିଲେ। ମହିଳାଙ୍କ ଏଭଳି ଅବସ୍ଥା ଦେଖି ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଦେଖାକରିବାକୁ ଜିଲାପାଳ ଦାସ ନୃସିଂହକୁ ପରାମର୍ଶ ଦେଇଥିଲେ। ସେହିଭଳି ଆହୁରି ଅନେକ ଅଭିଯୋଗକାରୀ ନିଜର ସମସ୍ୟା ଉପସ୍ଥାପନ କରିଥିଲେ। ତେବେ ପ୍ରଚାର ପ୍ରସାର ଅଭାବରୁ ବହୁକମ୍ ଅଭିଯୋଗକାରୀ ଶିବିରକୁ ଆସିଥିବା ଦେଖିବାକୁ ମିଳିଥିଲା।



ଜନଶୁଣାଣି ଶିବିରରେ ଜିଲାପାଳ ଓ ଏସପି ଲୋକଙ୍କ ସମସ୍ୟା ବୁଝୁଛନ୍ତି।

## ୧୨୯୫ ପରିବାରକୁ କାର୍ଯ୍ୟାଦେଶ ବଣ୍ଟନ





ବିଧାୟିକା ପ୍ରମିଳା ମଲ୍ଲିକ ଜଣେ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରୁଛନ୍ତି।

**ବିଞ୍ଝାରପୁର,୧୬।୯(ଡି.ଏନ.ଏ)**

ବିଞ୍ଝାରପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ସୋମବାର ପୂର୍ବାହ୍ନରେ ଏକ ସ୍ୱତନ୍ତ୍ର ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବ୍ଲକର ସମସ୍ତ ୨୯ଟି ପଞ୍ଚାୟତର ୧୨୯୫ ପରିବାରକୁ ଗ୍ରାମୀଣ ଗୃହ ଯୋଜନାରେ ଘର ନିର୍ମାଣ ପାଇଁ କାର୍ଯ୍ୟାଦେଶ ବଣ୍ଟନ ସହିତ ୧୭୦ ପରିବାରକୁ ଜାତୀୟ ପରିବାର ମଙ୍ଗଳ ଯୋଜନାରେ ୨୦ହଜାର ଲେଖାଏଁ ସହାୟତା ରାଶି ଯୋଗାଇ ଦିଆଯାଇଛି। ଏହି କାର୍ଯ୍ୟକ୍ରମ ବ୍ଲକ ଅଧକ୍ଷ ନନ୍ଦକିଶୋର ସାମଲଙ୍କ ସଭାପତିତ୍ୱରେ ହୋଇଥିଲାବେଳେ ମୁଖ୍ୟଅତିଥି ରୂପେ ବିଧାୟିକା ତଥା ସରକାରୀ ଦଳର ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ଯୋଗଦେଇ ସମସ୍ତ ଜନକଲ୍ୟାଣ ଯୋଜନାଗୁଡିକ ପ୍ରକୃତ ହିତାଧିକାରୀଙ୍କ ନିକଟରେ ଉପଲବ୍ଧ କରିବାକୁ ସର୍ବଦା ରାଜ୍ୟ ସରକାର ଚେଷ୍ଟିତ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଞ୍ଝାରପୁର ବିଡିଓ ମିନତୀ ଜଗଦେବ, ଜିଲାପରିଷଦ ସଭ୍ୟା ସୁଷମା ସେଠୀ, ବ୍ଲକ ଉପାଧକ୍ଷା କୁମୁଦୁନୀ ଦାସ, ସରପଞ୍ଚ ରାମଚନ୍ଦ୍ର ବେହେରା, ସମରେନ୍ଦ୍ର ସାହୁ, ରଶ୍ମିରେଖା ନାୟକ, ଦେବାନନ୍ଦ ମଲ୍ଲିକ, ମାଧବୀଲତା ଦାଶ, ଧ୍ରୁବଚରଣ ସେଠୀ, ଗୀତାଞ୍ଜଳି ଯେନା, ରଶ୍ମିତା ଦାସ, ସୁରେନ୍ଦ୍ର ସାହୁ, ମୁରଲୀଧର ବେହେରା, ଗୋବିନ୍ଦ ଯେନା, ରଞ୍ଜିତା ଦାସ, ପ୍ରଶାନ୍ତ ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ ।

## ୩ବର୍ଷରେ ବଳାତ୍କାରର ଶିକାର ହୋଇଛନ୍ତି ୩୬୮

**ଯାଜପୁର ଟାଉନ,୧୬।୯(ଡିଏନଏ)**

ଯାଜପୁର ଜିଲାରେ ନାବାଳିକାମାନେ ଅସୁରକ୍ଷିତ ହୋଇପଡ଼ିଛନ୍ତି। ନାବାଳିକାଙ୍କ ପାଇଁ ଉଭୟ ସରକାରୀ ଓ ବେସରକାରୀସ୍ତରରେ ଯେତେ ଆଇନ୍ ଓ ସଚେତନତା କାର୍ଯ୍ୟକ୍ରମ ହେଉଥିଲେ ମଧ ବଳାତ୍କାର କମିବା ପରିବର୍ତ୍ତେ ବଢ଼ିବାରେ ଲାଗିଛି। ଫଳରେ ଯାଜପୁର ଜିଲାରେ ନାବାଳିକାମାନେ ଅସୁରକ୍ଷିତ ମଣୁଥିବା ଜଣାଯାଇଛି। ସାଧାରଣ ଲୋକେ ସଚେତନ ହେବା ସହ ସାକ୍ଷରତାର ହାର ମଧ ଆଶାନୁରୂପ ଭାବେ ବୃଦ୍ଧି ପାଉଥିବା ସରକାରୀ ତଥ୍ୟରୁ ଜଣାପଡିଛି। ମାତ୍ର ଲୋକଙ୍କ ମାନସିକତା ପରିବର୍ତ୍ତନ ହେଉ ନ ଥିବାରୁ ନାବାଳିକା ବଳାତ୍କାର ଘଟଣା ବୃଦ୍ଧି ପାଇବାରେ ଲାଗିଛି। ଗତ ୩ବର୍ଷର ରିପୋର୍ଟକୁ ଅନୁଧ୍ୟାନ କଲେ ଏହା ସହଜେ ଅନୁମେୟ। ୨୦୧୭ରେ ୧୧୪, ୨୦୧୮ରେ ୧୪୭ ଓ ୨୦୧୯ ଅଗଷ୍ଟ ସୁଦ୍ଧା ୧୦୭ ଜଣ ନାବାଳିକାଙ୍କୁ ବଳାତ୍କାର କରାଯାଇଥିବା ଥାନାରେ ପଞ୍ଜୀକୃତ ହୋଇଛି। ଯାଜପୁର ପୋକ୍ସୋ କୋର୍ଟରେ ଏଯାବତ୍ ୭୧୦ଟି ମାମଲା ବିଚାରାଧୀନ ରହିଛି। ରିପୋର୍ଟରୁ ଜଣାଯାଏ ଯେ, ନାବାଳିକାମାନେ ବିଶେଷ କରି ସେମାନଙ୍କ ସମ୍ପର୍କୀୟଙ୍କ ଦ୍ୱାରା ବଳାତ୍କାରର ଶିକାର ହେଉଛନ୍ତି। ଏହା ସହିତ ଅବାଧ ନିଶାଦ୍ରବ୍ୟ ପ୍ରଚଳନ ମଧ ଏହାର ଅନ୍ୟତମ କାରଣ ବୋଲି ଜଣାପଡିଛି। ଯାଜପୁର ଜିଲା ସୁକିନ୍ଦା ଥାନା ଅଞ୍ଚଳରେ ଅଧିକ ନାବାଳିକା ବଳାତ୍କାର ଘଟଣା ଘଟୁଥିବା ଜଣାପଡିଛି। ଏହି ଅଞ୍ଚଳ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ହୋଇଥିବାବେଳେ ବ୍ୟାପକ ନିଶାଦ୍ରବ୍ୟ ଓ ସଚେତନତା ଅଭାବରୁ ଏହିସବୁ ଘଟଣା ଘଟୁଥିବା ନଜରକୁ ଆସିଛି। ଅନେକ କ୍ଷେତ୍ରରେ ନାବାଳିକା ବଳାତ୍କାର ଘଟଣାରେ ଅଭିଯୁକ୍ତମାନେ ନିର୍ଦ୍ଧିଦରେ ଖଲାସ ହୋଇଯାଉଥିବାରୁ ଏଭଳି ଘଟଣା ବୃଦ୍ଧି ପାଇବାରେ ଲାଗିଛି। ଅନ୍ୟପକ୍ଷରେ ଆଜି ବି ପୋଲିସର ମାନସିକତାରେ

**ଜିଲାରେ ଅସୁରକ୍ଷିତ ନାବାଳିକା**

■ଯାଜପୁର ପୋକ୍ସୋ କୋର୍ଟରେ ଏଯାବତ୍ ୭୧୦ ମାମଲା ବିଚାରାଧୀନ
■ସମ୍ପର୍କୀୟଙ୍କ ଦ୍ୱାରା ଅଧିକ ନାବାଳିକା ବଳାତ୍କାରର ଶିକାର

କୌଣସି ପରିବର୍ତ୍ତନ ଘଟିନାହିଁ। ଘଟଣା ଉପରେ ଗୁରୁତ୍ୱ ଦେବା ପାଇଁ ରାଜ୍ୟ ସରକାର ଓ ପୋଲିସ ପଦାଧିକାରୀମାନେ କହୁଥିବାବେଳେ ପୋଲିସର ମନ୍ଥରତା ଏବଂ ରାଜନୈତିକ ହସ୍ତକ୍ଷେପ ଯୋଗୁ ଅଭିଯୁକ୍ତମାନେ ଖସିଯାଉଥିବା ବୁଦ୍ଧିଜୀବୀ ମହଲରେ ପ୍ରକାଶ ପାଇଛି। ପୋଲିସ ଅଭିଯୋଗକାରୀଙ୍କୁ ଦୋଷ ଦେଇ ଖସି ଯାଉଥିବା ମଧ ଲକ୍ଷ୍ୟ କରାଯାଉଛି। ବଳାତ୍କାର ହେଉଥିବା ନାବାଳିକା କିମ୍ବା ସେମାନଙ୍କ ଅବିଭାବକମାନେ କୋର୍ଟରେ ମାମଲା ଚାଲିଲାବେଳେ ଘଟଣାକୁ ମନା କରିଦେଉଥିବା ପୋଲିସ ଅଭିଯୋଗ କରୁଛି। ଅପରପକ୍ଷରେ ପୋଲିସ ମାସ ମାସ ଧରି ଚାର୍ଜସିଟ୍ ନ ଦେବାରୁ ଅଭିଯୁକ୍ତମାନେ ଯେନେତେନେ ପ୍ରକାରେ ମାମଲାକୁ ରଫାଦଫା କରିଦେବାକୁ ସୁଯୋଗ ପାଉଛନ୍ତି। ଫଳରେ ବଳାତ୍କାରୀମାନେ ବିଚାରାଳୟରୁ ନିର୍ଦ୍ଦୋଶରେ ଖଲାସ ହୋଇଯାଉଛନ୍ତି। କେତେକ ସ୍ଥାନରେ ଗ୍ରାମବାସୀମାନେ ନାବାଳିକା ବଳାତ୍କାର ଘଟଣାର ଫଇସଲା କରି କୋର୍ଟରେ ଅଭିଯୁକ୍ତଙ୍କୁ ଖଲାସ କରିଦେଉଛନ୍ତି। ଫଳରେ ବଳାତ୍କାର ଘଟଣା ବଢୁଥିବା ଲକ୍ଷ୍ୟ କରାଯାଉଛି। ଅପରପକ୍ଷରେ ରାଜ୍ୟ ସରକାର ନାବାଳିକା ବଳାତ୍କାର ଘଟଣାକୁ ଗୁରୁତରଭାବେ ନେଉଥିବାବେଳେ ଦୃଷ୍ଟାନ୍ତମୂଳକ ଶାସ୍ତି ବାରମ୍ବାର ନ ହେଲେ ଏଭଳି ଘଟଣା କମିବାର ନାଁ ଧରିବ ନାହିଁ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି।

## ସଂକ୍ଷେପରେ

### ନୀଳାଚଳ କାରଖାନାକୁ ଘରୋଇକରଣ ପ୍ରତିବାଦରେ ଶୋଭାଯାତ୍ରା

**କଳିଙ୍ଗନଗର, ୧୬।୯(ଡି.ଏନ୍.ଏ):** ନୀଳାଚଳ ବଞ୍ଚାଅ ମିଳିତ ଅଭିଯାନ ପକ୍ଷରୁ କାରଖାନାରୁ ପୁଞ୍ଜି ପ୍ରତ୍ୟାହାର ପରେ ଘରୋଇକରଣ ପାଇଁ ଆରମ୍ଭ ହୋଇଥିବା ପ୍ରକ୍ରିୟାକୁ ବିରୋଧ କରାଯାଇଛି। ଏହାକୁ ନେଇ ସୋମବାର ମିଳିତ ଅଭିଯାନ ପକ୍ଷରୁ କାରଖାନା ମୁଖ୍ୟ ଫାଟକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନିୟନ୍ତ୍ରଣରେ ରଖି କାରଖାନା ଚଳାଇବା, ସ୍ୱତନ୍ତ୍ର ପ୍ୟାକେଜ ଓ ନିୟମିତ ମାସିକ ବେତନ ଦେବା ପାଇଁ ଶ୍ରମିକମାନେ ଦାବି ଜଣାଇଛନ୍ତି। ଏହି ସମସ୍ୟାର ସମାଧାନ ନ ହେଲେ ଆନ୍ଦୋଳନ ଭୁବନେଶ୍ୱରରୁ ଦିଲ୍ଲୀ ପର୍ଯ୍ୟନ୍ତ କରାଯିବ ବୋଲି ନୀଳାଚଳ ବଞ୍ଚାଅ ଅଭିଯାନର ଆବାହକ ରଞ୍ଜନ କୁମାର ନାୟକ, ସୁରେଶ କୁମାର ପ୍ରଧାନଙ୍କ ସମେତ ରାଜକିଶୋର ମହନ୍ତ, ବିଜୟ କୁମାର ମହନ୍ତ, ମନୋରଞ୍ଜନ ମାହାନ୍ତ, କାର୍ତ୍ତିକ ଜେନା, ବିଜୟ କୁମାର ମହାରଣା, ଅନ୍ତ ମାଝି, ବାସୁଦେବ ମାହାନ୍ତ, ଉତ୍ତମ ନାୟକ ପ୍ରମୁଖ କହିଛନ୍ତି।

### ଜାରକା ଆନନ୍ଦ ବିହାର ଗ୍ରାମ୍ୟ କମିଟି ଗଠିତ

**ଧର୍ମଶାଳା, ୧୬।୯(ଡି.ଏନ୍.ଏ.):** ଧର୍ମଶାଳା ବ୍ଲକ ଜାରକାସ୍ଥିତ ଜାତୀୟ ରାଜପଥ ପାର୍ଶ୍ୱ ସିନେମା ହଲ୍ ରୋଡ୍ ସନ୍ନିକଟରେ ବସବାସ କରୁଥିବା କଲୋନୀବାସୀଙ୍କୁ ନେଇ ଆନନ୍ଦ ବିହାର ଗ୍ରାମ୍ୟ କମିଟି ଗଠନ କରାଯାଇଛି। ଏଥିରେ ସଭାପତି ଭାବରେ ନରେନ୍ଦ୍ର କୁମାର ଜେନା, ଉପସଭାପତି ଭୀମସେନ ସାହୁ, ସମ୍ପାଦକ ସୁବ୍ରତ କୁମାର ଶତପଥୀ, ସହ ସମ୍ପାଦକ ଅଶୋକ ପ୍ରଧାନ ଓ କୋଷାଧ୍ୟକ୍ଷ ଭାବରେ କାଶୀନାଥ ମିଶ୍ରଙ୍କୁ ମନୋନୀତ କରାଯାଇଛି। ଏ ନେଇ ସୋମବାର ଏଠାରେ ରହୁଥିବା ୪୦ ପରିବାରକୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ପୂର୍ବତନ ବ୍ଲକ ଅଧ୍ୟକ୍ଷ କିଷାନ ପଣ୍ଡା ଓ ଜାରକା ସରପଞ୍ଚ ବିଭୂତି ଭୂଷଣ ପାଣିଗ୍ରାହୀ ବୈଠକରେ ଯୋଗଦେଇ କମିଟି ମାଧ୍ୟମରେ କଲୋନୀର ବିଭିନ୍ନ ସମସ୍ୟା ଦୂର ହୋଇ ପାରିବା ସହ ପରସ୍ପର ମଧ୍ୟରେ ସମ୍ପର୍କ ଓ ଭାତୃତ୍ୱ ବଢ଼ିବ ବୋଲି କହିଥିଲେ। ଉପସ୍ଥିତ କଲୋନୀବାସୀ ସ୍ଥାନୀୟ ଡ୍ରେନ୍, ପାନୀୟ ଜଳ ଓ ବିଦ୍ୟୁତ୍ ସମସ୍ୟା ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିଥିଲେ। ଏହାପରେ କମିଟି ଗଠନ କରାଯାଇ କର୍ମକର୍ତ୍ତା ଚୟନ କରାଯାଇଥିଲା।

### ନିଶାସକ୍ତ ଗାଡ଼ି ଚାଳକ କୋର୍ଟ ଚାଲାଣ

**କଳିଙ୍ଗନଗର, ୧୬।୯(ଡି.ଏନ୍.ଏ.):** ଯଖପୁରା ଥାନା ପକ୍ଷରୁ ତେଲିବାହାଲି ଛକ ନିକଟରେ ରବିବାର ରାତିରେ ମୋଟରସାଇକେଲ ଯାଞ୍ଚ ହୋଇଥିଲା। ଏହି ସମୟରେ ବିନା ହେଲମେଟ୍‌ରେ ନିଶାସକ୍ତ ଅବସ୍ଥାରେ ଗାଡି ଚଳାଉଥିବାବେଳେ ୨ ଜଣଙ୍କୁ ପୋଲିସ ଗିରଫ କରିବା ସହ ବାଇକ୍‌କୁ ଜବତ କରିଥିଲା। ସେମାନେ ହେଲେ ଜଖପୁରା ଥାନା ଅଞ୍ଚଳର ବାଲୁଙ୍ଗାବନ୍ଧୀ ଗ୍ରାମର ହରେକୃଷ୍ଣ ଦେଓ(୩୫) ଓ ମଙ୍ଗଳପୁର ଥାନା ଅନ୍ତର୍ଗତ ଉଦୟପୁର ଗ୍ରାମର ଦୀପକ କୁମାର ନାୟକ(୨୬)। ସୋମବାର ପୋଲିସ ଭାରତୀୟ ମୋଟ ଯାନ ଆଇନ ଅନୁସାରେ ଦୁଇ ମାମଲା (ନଂ ୧/୧୯ ଓ ୨/୧୯) ରଜୁକରି ସେମାନଙ୍କୁ କୋର୍ଟ ଚାଲାଣ କରିଛି।

### ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

**କାଳିଆପାଣି, ୧୬।୯(ଡି.ଏନ୍.ଏ.):** କାଳିଆପାଣି ପୋଲିସ ପକ୍ଷରୁ ରବିବାର ଏକ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଥାନା ଅଧିକାରୀ ରମାକାନ୍ତ ମୁଦୁଲୀଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସଡ଼କ ସୁରକ୍ଷା ଓ ଟ୍ରାଫିକ ନିୟମ ସମ୍ପର୍କରେ ରାସ୍ତାରେ ଯାଉଥିବା ଚାଳକଙ୍କୁ ସଚେତନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ପଞ୍ଚାୟତର ଜନପ୍ରତିନିଧି, ବୁଦ୍ଧିଜୀବୀ, ବଣିକ ସଂଘ ସହ ବିଭିନ୍ନ ଅନୁଷ୍ଠାନର ଶତାଧିକ ଲୋକ ସାମିଲ ହୋଇଥିଲେ। ଟିସ୍କୋ ବନ୍ଦିର ଗେଟ୍‌ଠାରୁ ଏକ ଶୋଭାଯାତ୍ରା ବାହାରି ମୁଖ୍ୟ ବଜାର ପରିକ୍ରମା କରି ଟିସ୍କୋମେନ ଗେଟ୍ ନିକଟରେ ପହଁଚିଥିଲା। ହେଲମେଟ ପିନ୍ଧନ୍ତୁ ନିଜ ସହ ପରିବାରକୁ ସୁରକ୍ଷିତ ରଖନ୍ତୁ ବୋଲି ଥାନା ଅଧିକାରୀ ରମାକାନ୍ତ ମୁଦୁଲି ବକ୍ତବ୍ୟ ଛଳରେ ଉପସ୍ଥିତ ଲୋକଙ୍କୁ ପରାମର୍ଶ ଦେଇଥିଲେ।

## ଫନୀକୁ ବିତିଲା ସାଢ଼େ ୫ ମାସ

# ପ୍ରଭାବିତ କାରିଗରଙ୍କୁ ମିଳିଲାନି କ୍ଷତିପୂରଣ

- ୩୦୬୭ କାରିଗର ପ୍ରଭାବିତ
- ଆନ୍ଦୋଳନ ପାଇଁ ସଜବାଜ ଶିଳ୍ପୀ ମହାସଂଘ

**ଯାଜପୁର ଅଫିସ, ୧୬।୯**

କୁଟୀର ଶିଳ୍ପ ତଥା ହସ୍ତଶିଳ୍ପ ପାଇଁ ପ୍ରସିଦ୍ଧି ଲାଭ କରିଥିବା ଯାଜପୁର ଜିଲାର କାରିଗରମାନେ ବିଭିନ୍ନ ସମସ୍ୟା ଦେଇ ଗତି କରୁଛନ୍ତି। ଜିଲାର ଏହି ହସ୍ତଶିଳ୍ପ ପାଇଁ ଗୁରୁଦାୟିତ୍ୱ ବହନ କରିଥିବା ଜିଲା ଶିଳ୍ପ କେନ୍ଦ୍ର(ଡିଆଇସି) ନିଷ୍କ୍ରିୟ ହୋଇ ପଡିଥିବାରୁ କାରିଗରଙ୍କ ଜୀବନଧାରଣର ମାନ ଅପରିବର୍ତ୍ତିତ ରହିଛି। ଶତାଧିକ ହସ୍ତଶିଳ୍ପ ଓ ୨ ପୌରାଞ୍ଚଳରେ ୩୦୬୭ ଜଣ କାରିଗର ଫନୀ ଯୋଗୁ ପ୍ରଭାବିତ ହୋଇଛନ୍ତି। ଏଥିରେ କୋରେଇ ବ୍ଲକର ୩୮ଜଣ, ବ୍ୟାସନଗର ପୌରାଞ୍ଚଳର ୧୮ଜଣ, ବରୀ ବ୍ଲକର ୧୨୨ଜଣ, ରସୁଲପୁର ବ୍ଲକର ୬୧୩ ଜଣ, ସୁକିନ୍ଦା ବ୍ଲକର ୯୧ଜଣ, ଦାନଗଦୀ ବ୍ଲକର ୩୧ ଜଣ, ବିଞ୍ଝାରପୁର ବ୍ଲକର ୨୧୦ଜଣ, ଦଶରଥପୁର ବ୍ଲକର ୬୧ଜଣ, ଯାଜପୁର ବ୍ଲକର ୭୨୭ ଜଣ, ଯାଜପୁର ପୌରାଞ୍ଚଳର ୩୬ ଜଣ, ଧର୍ମଶାଳା ବ୍ଲକର ୭୭୫ ଜଣ ଓ ବଡଚଣା ବ୍ଲକର ୩୪୫ ଜଣ କାରିଗର ପ୍ରଭାବିତ ହୋଇଛନ୍ତି। ଏଥିରେ ହସ୍ତଶିଳ୍ପଙ୍କ ବିଭିନ୍ନ କଞ୍ଚାମାଲ, ନିର୍ମାଣ ସାମଗ୍ରୀ, କର୍ମଶାଳା, ମୂର୍ତ୍ତି, କୋଇଲା, ବୈଦ୍ୟୁତିକ ଯନ୍ତ୍ରପାତି ଆଦି ନଷ୍ଟ



ହୋଇଥିଲା। କାରିଗରଙ୍କ କାଇଁଚ, ନିର୍ମାଣ ସାମଗ୍ରୀ, ପଥର କାରିଗରଙ୍କ କଞ୍ଚାମାଲ ଓ କର୍ମଶାଳା ଘର ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଛି। ଏହାବାଦ କଂସା ପିତ୍ତଳ ଏବଂ ଟେରାକୋଟା ନିର୍ମାଣରେ କୁଣ୍ଡପାଟଣା, ବାଲିପାଟଣା, ଅତଳାପୁର, ସାମନ୍ତପୁର, ବୈଦ୍ୟରାଜପୁର, ବୁରୁଡି, ପଣସୁଧା, ଲକ୍ଷ୍ମୀନଗର, ପ୍ରଥମାଖଣ୍ଡି, ଗୋପାଳପୁର, ଲକ୍ଷ୍ମୀନଗର ଆଦି ଗ୍ରାମର କାରିଗରମାନେ କ୍ଷତିଗ୍ରସ୍ତ ହୋଇଛନ୍ତି। ଏନେଇ କାରିଗରଙ୍କ ପକ୍ଷରୁ ସଂଗଠନ ସମ୍ପାଦକ ପ୍ରିୟରଞ୍ଜନ କରଙ୍କ ନେତୃତ୍ୱରେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପଦ୍ମିନୀ ଡିଆନ, ବୟନ ଓ ହସ୍ତତନ୍ତ ନିର୍ଦ୍ଦେଶକ ଜ୍ୟୋତିପ୍ରକାଶ ଦାସ, ହସ୍ତ ଓ କୁଟୀର ଶିଳ୍ପ ନିର୍ଦ୍ଦେଶକ ବସନ୍ତ କୁମାର ଦାସଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ହେଲେ ଏଯାଏ କୌଣସି ସୁଫଳ ନ ମିଳିବାରୁ ଫନୀ ପ୍ରଭାବିତ କାରିଗରଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏହାବାଦ ୨୦୧୮ ମାର୍ଚ୍ଚରେ ରାଜ୍ୟରେ ହସ୍ତତନ୍ତ ଓ ହସ୍ତଶିଳ୍ପ ବିକାଶ ଏବଂ ଉନ୍ନୟନ ପରିଷଦ ଗଠନ ହୋଇଛି। ଏଥିପାଇଁ ୨୦କୋଟି ଟଙ୍କା ଅନୁଦାନ ମଞ୍ଜୁର ହୋଇଛି। କିନ୍ତୁ ବିଡମ୍ବନା ଯେ, ବିଭାଗୀୟ ଅଧିକାରୀଙ୍କ ଆନ୍ତରିକତାର ଅଭାବ ଓ ଅସହଯୋଗ କାରଣରୁ ଏହି ପରିଷଦ ଏଯାଏ ସକ୍ରିୟ ହୋଇପାରି ନାହିଁ। ଫଳରେ ମଞ୍ଜୁର ହୋଇଥିବା ଅର୍ଥ କାରିଗରଙ୍କ ହିତରେ ଆସିପାରି ନାହିଁ। ଏପରିକି ହସ୍ତଶିଳ୍ପୀଙ୍କ ଉତ୍ପାଦିତ କଳାକୃତି କିଣିବାରେ ରାଜ୍ୟ ହସ୍ତଶିଳ୍ପ ସମବାୟ ନିଗମ ପକ୍ଷରୁ ଅନାଗ୍ରହ ପ୍ରକାଶ ପାଉଛି। ଏନେଇ ଗତ ୧୩ ତାରିଖରେ ରାଜ୍ୟ ହସ୍ତଶିଳ୍ପ ସମବାୟ ନିଗମ (ଉତ୍କଳିକା) ସମ୍ମୁଖରେ ଓଡ଼ିଶା ଶିଳ୍ପୀ ମହାସଂଘ ପକ୍ଷରୁ ଗଣଧାରଣା ଦିଆଯାଇଛି। ସେହିପରି ଫନୀ କ୍ଷତିଗ୍ରସ୍ତଙ୍କୁ ତୁରନ୍ତ କ୍ଷତିପୂରଣ ନ ମିଳିଲେ ଆନ୍ଦୋଳନ ବ୍ୟାପକ ହେବ ବୋଲି ମହାସଂଘ ସଭାପତି ଉଦୟନାଥ ମହାନ୍ତି ସୂଚନା ଦେଇଛନ୍ତି। ଏ ସଂକ୍ରାନ୍ତରେ କଳିଙ୍ଗନଗର ଆଞ୍ଚଳିକ ଶିଳ୍ପକେନ୍ଦ୍ରର ସାଧାରଣ ପରିଚାଳକ ନିରଞ୍ଜନ ନାୟକଙ୍କୁ ପଚାରିବାରେ, ସେ କହିଛନ୍ତି ଫନୀ ପ୍ରଭାବିତଙ୍କ ତାଲିକା ଓ କ୍ଷୟକ୍ଷତିର ପରିମାଣ ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଦିଆଯାଇଛି। ଅନୁଦାନ ଆସିଲେ କ୍ଷତିପୂରଣ ପ୍ରଦାନ କରାଯିବ।

## ଭୁଶୁଡ଼ିଲା ଗୃହ, ବର୍ତ୍ତିଲେ ପରିବାର



ଭାଙ୍ଗିଯାଇଥିବା ଘର।

**କାଳିଆପାଣି, ୧୬।୯(ଡି.ଏନ୍.ଏ.)**

ସୁକିନ୍ଦା ବ୍ଲକ ଅନ୍ତର୍ଗତ ରାଁସୋଳ ପଞ୍ଚାୟତ ରାଁସୋଳ ଗ୍ରାମରେ ସୋମବାର ସକାଳେ ଏକ ଇନ୍ଦିରା ଆବାସ ଗୃହ ଭୁଶୁଡି ପଡିଛି। ଏଥିରେ ଜଣେ ଗୁରୁତର ହୋଇଛନ୍ତି। ଗୁରୁତର ଜଣଙ୍କ ହେଲେ ହୃଦାନନ୍ଦ ସାମଲ। ତେବେ ପରିବାର ପକ୍ଷରୁ ଅନ୍ୟ କୌଣସି ସହାୟତା ଆଉ ଘର ନ ଥିବାରୁ ବେସାହାରା ହୋଇ ପରଘରେ ଆଶ୍ରୟ ନେଇଛନ୍ତି। ଏ ନେଇ ସ୍ଥାନୀୟ ସରପଞ୍ଚ କାଙ୍କଡ଼ପାଳ ଆରଆଇଙ୍କୁ ଅବଗତ କରିଥିବା ଜଣାପଡିଛି। ପ୍ରକାଶ ଯେ, ୨୦ ବର୍ଷ ତଳେ ନାକପୁଡ଼ି ସାମଲ ବିପିଏଲ ପରିବାର ହୋଇଥିବାରୁ ଏକ ଇନ୍ଦିରା ଆବାସ ଯୋଜନାରେ ବ୍ଲକ ପକ୍ଷରୁ ପକ୍କାଗୃହ ପାଇଥିଲେ। ୧୦ ବର୍ଷ ହେବ ନାକପୁଡ଼ିଙ୍କ ମୃତ୍ୟୁ ହୋଇଥିବାବେଳେ ଦିବ୍ୟାଙ୍ଗ ସ୍ତ୍ରୀ ନିତେଇ ଝିଅ କ୍ୱାଇଁଙ୍କ ସହ ଉକ୍ତ ଘରେ ରହୁଥିଲେ। ଦୀର୍ଘ ବର୍ଷ ଧରି ଘରଟି ମରାମତି ନ ହୋଇ ଶୋଚନୀୟ ହୋଇପଡିଥିଲା। ସୋମବାର ସକାଳେ ନିତେଇ ଘର ବାହାରେ ରହିଥିବା ବେଳେ କ୍ୱାଇଁ ହୃଦାନନ୍ଦ ଘର ବାରଣ୍ଡାରେ ବସିଥିଲା। ଅଚାନକ ଘରଟି ଭୁସୁଡ଼ିପଡ଼ିବାରୁ ହୃଦାନନ୍ଦଙ୍କ ଉପରେ କାନ୍ଥ ପଡିଯାଇଥିଲା। ଗ୍ରାମବାସୀ ଓ ପରିବାର ଲୋକେ ତାଙ୍କୁ ଉଦ୍ଧାର କରିଥିଲେ।

## ଜିଲାସ୍ତରୀୟ ବିଦ୍ୟାଳୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ

**କାଳିଆପାଣି, ୧୬।୯(ଡି.ଏନ୍.ଏ.)**

ସୁକିନ୍ଦା ବ୍ଲକ ଅନ୍ତର୍ଗତ ପିମ୍ପୁଡିଆ ପଞ୍ଚାୟତସ୍ଥିତ ପତିତପାବନ ଉଚ୍ଚ ବିଦ୍ୟାଳୟରେ ଆୟୋଜିତ ଜିଲା ବିଦ୍ୟାଳୟ ସମୂହ ଖେଳକୁଦ ପ୍ରତିଯୋଗିତା ସୋମବାର ଉଦ୍‌ଯାପିତ ହୋଇଯାଇଛି। ସୁକିନ୍ଦା ବିଆରଓ ଶିବରାମ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କ୍ରୀଡା ପ୍ରତିଯୋଗିତାକୁ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯାଜପୁର ଜିଲା କ୍ରୀଡା ଅଧିକାରୀ ଫକୀର ମୋହନ ଟୁଡୁ ଯୋଗଦେଇଥିଲେ। ରାଧାକ୍ରୀଷ୍ଣ ବୋଷ ମୁଖ୍ୟବକ୍ତାଭାବେ ଯୋଗଦେଇଥିଲେ। ଶମ୍ଭୁନାଥ ଦାସ ଓ ସରପଞ୍ଚ ମନୋରମା ନାୟକ, ସମିତି ସଭ୍ୟା ଜନିକି ମହାନ୍ତ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ତିନି ଦିନ ଧରି ଚାଲିଥିବା କାର୍ଯ୍ୟକ୍ରମରେ ୧୭ ବର୍ଷରୁ କମ୍ କବାଡ଼ି ପ୍ରତିଯୋଗିତାରେ ରସୁଲପୁର ବ୍ଲକ ଚାମ୍ପିୟନ ହୋଇଥିବା ବେଳେ କୋରେଇ ରନର୍ସ ଅପ୍ ହୋଇଛି। ମହିଳା ବିଭାଗରେ ଦଶରଥପୁର ବ୍ଲକ ଚାମ୍ପିୟନ ହୋଇଥିବା ବେଳେ ରସୁଲପୁର ବ୍ଲକ ରନର୍ସ ଅପ୍ ହୋଇଛି । ୧୪ ବର୍ଷରୁ କମ୍ ବାଳକ ବିଭାଗରେ ରସୁଲପୁର ଚାମ୍ପିୟନ, ସୁକିନ୍ଦା



ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀଛାତ୍ରଙ୍କ ସହ ଅନ୍ୟମାନେ।

ବ୍ଲକ ରନର୍ସ ଅଫ୍ , ବାଳିକା ବିଭାଗରେ ଦାନଗଦୀ ଚାମ୍ପିୟନ ଦଶରଥପୁର ରନର୍ସ ଅଫ୍। ସେହିପରି ଫୁଟ୍ ବଲରେ ୧୭ ବର୍ଷରୁ କମ୍ ବାଳକ ବିଭାଗରେ ବଡ଼ଚଣା ଚାମ୍ପିୟନ, କୋରେଇ ରନର୍ସ ଅଫ, ବ୍ୟାଡ୍ ମିଟନ ବାଳକ ବିଭାଗରେ ଧର୍ମଶାଳା ଚାମ୍ପିୟନ, ଯାଜପୁର ରନର୍ସ ଅଫ, ବାଳିକା ବିଭାଗରେ ଯାଜପୁର ଚାମ୍ପିୟନ ହୋଇଥିବା ବେଳେ ବିଞ୍ଝାରପୁର ରନର୍ସ ଅଫ ହୋଇଥିବା ଜଣାପଡିଛି। ଅନ୍ତର୍ଜାତୀୟ କ୍ରୀଡାବିତ ସୁକିନ୍ଦାର ଶୋଭା ନାୟକଙ୍କୁ ଏହି କାର୍ଯ୍ୟକ୍ରମରେ ସମ୍ମାନିତ କରାଯାଇଛି। ଏଥିସହ କାର୍ଯ୍ୟକ୍ରମକୁ ସଫଳ ରୁପାୟନ ପାଇଁ ସୁକାନ୍ତ ନାୟକଙ୍କୁ ଜିଲା କ୍ରୀଡା ସଂଘ ପକ୍ଷରୁ ସ୍ୱତନ୍ତ୍ର ସମ୍ମାନ ପ୍ରଦାନ କରାଯାଇଥିଲା। ୯୭ ଜଣ କ୍ରୀଡା ଶିକ୍ଷୟିତ୍ରୀଶିକ୍ଷକ ଖେଳ ପରିଚାଳନାରେ ସହଯୋଗ କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ସୁକିନ୍ଦା ବ୍ଲକ ନୋଡ଼ାଲ ସମ୍ପାଦକ ମନ୍ମଥ ଦାସସାମନ୍ତ ଅତିଥି ପରିଚୟ ପ୍ରଦାନ କରିଥିଲେ। ପତିତପାବନ ହାଇସ୍କୁଲ ପ୍ରଧାନ ଶିକ୍ଷକ ରବିନାରାୟଣ ନାୟକ ଧନ୍ୟବାଦ ଦେଇଥିଲେ। ପ୍ରକାଶ ଯେ, ଏହି ପ୍ରତିଯୋଗୀତାରେ ସମଗ୍ର ଜିଲାର ୧୦ଟି ବ୍ଲକର ସମସ୍ତ ବିଦ୍ୟାଳୟର ୬୦୬ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ।

## ସ୍ତ୍ରୀଙ୍କୁ ମାଡ଼ ମାରିବା ଅଭିଯୋଗରେ ସ୍ୱାମୀ କୋର୍ଟ ଚାଲାଣ

**କୋରେଇ, ୧୬।୯(ସ୍ୱ.ପ୍ର.)**

କୋରେଇ ପୋଲିସ ସୋମବାର ସ୍ତ୍ରୀଙ୍କୁ ମାଡ଼ମାରିବା ଅଭିଯୋଗରେ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଜଣଙ୍କ ପାଣିକୋଇଲି ଥାନା ଅନ୍ତର୍ଗତ ଅମୃତିଆ ପଞ୍ଚାୟତ ଭାଟସୋଲପଟା ଗ୍ରାମର ସନାତନ ପତ୍ରୀ। ପ୍ରକାଶ ଯେ, ସନାତନ ଦ୍ୱିତୀୟ ବିବାହ କରିବାରୁ ତାଙ୍କ ପ୍ରଥମ ସ୍ତ୍ରୀ ସ୍ୱର୍ଣ୍ଣଲତା ୨ ବର୍ଷ ହେବ ବାପ ଘରେ ରହୁଛନ୍ତି। ଏ ନେଇ ପାଣିକୋଇଲି ଥାନାରେ ମଧ୍ୟରେ ମାମଲା ରୁଜୁ ହୋଇଛି। ମାତ୍ର ଗତ ଅଗଷ୍ଟ ୨୮ ତାରିଖରେ ଶନାତନ କୋରେଇ ଥାନା ଅଞ୍ଚଳରେ ଥିବା ଶଶୁରଘରେ ପହଞ୍ଚି ସ୍ୱର୍ଣ୍ଣଲତାଙ୍କୁ ଗାଳଗୁଲଜ କରିବା ସହ ମାଡ଼ ମାରିଥିଲେ। ଏ ନେଇ ସ୍ୱର୍ଣ୍ଣଲତା ୨୯ ତାରିଖରେ କୋରେଇ ଥାନାରେ ଅଭିଯୋଗ କରଥିଲେ। ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା ଆଜି ଜଣେ ଅଭିଯୁକ୍ତ ସନାତନ ପତ୍ରୀଙ୍କୁ ଗିରଫ କରି ମାମଲା (ନଂ.୧୮୭/୧୯) ରୁଜୁ କରି ତଦନ୍ତ ଚଳାଇଥିଲା।

### ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟ ଦୁର୍ନୀତିର ସ୍ୱତନ୍ତ୍ର ଅଡିଟ୍

# ନଥିପତ୍ର ଦେଖାଇ ପାରୁନାହାନ୍ତି କର୍ତ୍ତୃପକ୍ଷ

**ଯାଜପୁର ରୋଡ, ୧୬।୯(ନି.ପ୍ର.)**

ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟର ଅନିୟମିତତା ଓ ବହୁ ସରକାରୀ ଅର୍ଥ ହେର୍‌ଫେର୍‌ର ସ୍ପେଶାଲ ଅଡିଟ୍ ଜାରି ରହିଛି। ଗତ ସୋମବାରଠାରୁ ଆରମ୍ଭ ହୋଇଥିବା ସ୍ପେଶାଲ ଅଡିଟ୍ ନିକଟରେ ମହାବିଦ୍ୟାଳୟ କର୍ତ୍ତୃପକ୍ଷ ବହୁ ଗୁରୁତ୍ୱପୂର୍ଣ୍ଣ ଫାଇଲ୍(ନଥିପତ୍ର) ଦେଖାଇ ପାରୁ ନ ଥିବା ଜଣାପଡିଛି। ଅପରପକ୍ଷେ ମହାବିଦ୍ୟାଳୟରେ ଷ୍ଟାଡିୟମ ନିର୍ମାଣ ଏବଂ ଲାଇବ୍ରେରି ବହି କିଣା ଦୁର୍ନୀତିକୁ ତଦନ୍ତ ପରିସରଭୁକ୍ତ କରିବା ପାଇଁ ପୁରାତନ ଛାତ୍ର ସଂସଦ ସଭାପତି ବିଦ୍ୟାଧର ମହାନ୍ତି ଉଚ୍ଚ ଶିକ୍ଷା ବିଭାଗ ନିକଟରେ ଅଭିଯୋଗ କରିଛନ୍ତି।

ଏହି ମହାବିଦ୍ୟାଳୟରେ ଦୁର୍ନୀତିର ଛାପ ଛାଡୁନାହିଁ। ଗୋଟିଏ ପରେ ଗୋଟିଏ ଦୁର୍ନୀତି ପଦାକୁ ଆସୁଛି। ଏହି ଦୁର୍ନୀତିରେ ପୂର୍ବତନ ଅଧ୍ୟକ୍ଷ ଓ ଅଧ୍ୟାପକ ସମ୍ପୃକ୍ତ ଥିବାର ସନ୍ଦେହ କରାଯାଉଛି। ଇନ୍‌ଡୋର ଷ୍ଟାଡିୟମ ଓ ଲାଇବ୍ରେରି ପାଇଁ ବହି କିଣାର ଦୁର୍ନୀତି ଏବେ ପଦାକୁ ଆସିଛି। ୨୦୧୧ରେ ମହାବିଦ୍ୟାଳୟର ଇଣ୍ଡୋର ଓ ଆଉଟଡୋର ଷ୍ଟାଡିୟମ ଶିଳାନ୍ୟାସ ହୋଇଥିଲା। ଏହି ଷ୍ଟାଡିୟମ ନିର୍ମାଣ ପାଇଁ ୟୁଜିସି ପକ୍ଷରୁ ୭୦ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ଏହି ଷ୍ଟାଡିୟମ ସମ୍ପୂର୍ଣ୍ଣ ନ ହୋଇ ୨୦୧୮ରେ ମହାବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତି ଅବସରରେ ତତ୍କାଳୀନ ସ୍ୱାସ୍ଥ୍ୟ ପରିବାର ଓ ଆଇନ ମନ୍ତ୍ରୀ ପ୍ରତାପ ଜେନା ଉଦ୍‌ଘାଟନ କରିଥିଲେ। ତତ୍କାଳୀନ ବିଧାୟକ ମଧ୍ୟ ଉପସ୍ଥିତ ଥିଲେ। ଏବେ ଷ୍ଟାଡିୟମ ଚତୁଃପାର୍ଶ୍ୱରେ ଜଙ୍ଗଲ ସୃଷ୍ଟି ହୋଇଛି। ଇନ୍‌ଡୋର ଷ୍ଟାଡିୟମରେ ତାଲା ପଡିଛି। ଲାଇବ୍ରେରୀ ପାଇଁ ବହି କିଣାରେ ବହୁ ଦୁର୍ନୀତି ହୋଇଛି। ଗତ ଏପ୍ରିଲରେ ବହି କିଣା ଯାଇଥିଲା। ଏହି ବହିଗୁଡିକ ବର୍ତ୍ତମାନ ସିଲାବସରେ ନାହିଁ । ତେଣୁ ଷ୍ଟାଡିୟମ ସହ ଲାଇବ୍ରେରି ଦୁର୍ନୀତିକୁ ମଧ୍ୟ ତଦନ୍ତ ପରିସରକୁ ଆଣିବାକୁ ପୂର୍ବତନ ଛାତ୍ର ସଂସଦ ଦାବି କରିଛନ୍ତି। କଲେଜର ଅଧ୍ୟକ୍ଷ ଆବୁତାଇଙ୍କୁ ପଚାରିବାରୁ, ପାଖରେ ଥିବା କାଗଜପତ୍ର ସ୍ପେଶାଲ ଅଡିଟ୍‌କୁ ପ୍ରଦାନ କରୁଛି। ଷ୍ଟାଡିୟମ ଅସମ୍ପୂର୍ଣ୍ଣ ଥିବାରୁ କାର୍ଯ୍ୟକ୍ଷମ ହୋଇପାରୁନାହିଁ। ଲାଇବ୍ରେରିକୁ ବହି କିଣା ତାଙ୍କ ସମୟରେ ହୋଇ ନ ଥିବା କହିଥିଲେ।

## ଦୁର୍ଘଟଣାରେ ଜଣେ ମୃତ ଜଣେ ଗୁରୁତର

**କଳିଙ୍ଗନଗର, ୧୬।୯(ଡି.ଏନ୍.ଏ.)**

ଯଖପୁରା ଥାନା ମାନ୍ତିରା ଗ୍ରାମରେ ସୋମବାର ବାଇକ୍ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଅନ୍ୟ ଜଣଙ୍କୁ ଗୁରୁତର ଅବସ୍ଥାରେ କଟକ ସ୍ଥାନାନ୍ତର କରାଯାଇଛି। ମୃତକ ଜଣଙ୍କ ମାନ୍ତିରା ଗ୍ରାମର ଶେଷଦେବ ଘଡ଼ାଇ(୪୩)। ଗୁରୁତର ଜଣଙ୍କ ସେହି ଗ୍ରାମର ବାଦଲ ସିଂ। ସନ୍ଧ୍ୟାରେ ଶେଷଦେବ ଏବଂ ବାଦଲ ବାଇକ୍‌ରେ ଆସୁଥିବାବେଳେ ମାନ୍ତିରା ଗ୍ରାମରେ ମୁହାଁମୁହିଁ ଧକ୍କା ହୋଇଥିଲେ।

## ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ଆଣିଲେ ୱାର୍ଡ ସଭ୍ୟାସଭ୍ୟ



ଉପଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ୱାର୍ଡ ସଭ୍ୟାସଭ୍ୟ।

**କୋରେଇ/ଯାଜପୁର ଟାଉନ୍, ୧୬।୯(ସ୍ୱ.ପ୍ର./ଡି.ଏନ୍.ଏ.)**

କୋରେଇ ବ୍ଲକ ତଣ୍ଡରା ପଞ୍ଚାୟତର ସରପଞ୍ଚ ଗୋପାଳ ସେଠୀଙ୍କ ବିରୋଧରେ ସୋମବାର ସଂଖ୍ୟାଧିକ ସଭ୍ୟାସଭ୍ୟ ଅନାସ୍ଥା ପ୍ରସ୍ତାବ ଆଣିଛନ୍ତି। ଏ ନେଇ ସଭ୍ୟସଭ୍ୟା ଉପ ଜିଲାପାଳ ନାରାୟଣ ଚନ୍ଦ୍ର ଧଳଙ୍କୁ ଭେଟି ଅନାସ୍ଥା ପ୍ରସ୍ତାବ ପ୍ରଦାନ କରିଛନ୍ତି। ୧୩ ଜଣ ୱାର୍ଡ ସଭ୍ୟରୁ ୯ ଜଣ ୱାର୍ଡ ସଭ୍ୟାସଭ୍ୟ ଅନାସ୍ଥା ଆଗତ କରିଥିବାରୁ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଉପଜିଲାପାଳ ଧଳ କହିଛନ୍ତି। ପ୍ରକାଶ ଯେ, ତଣ୍ଡରା ପଞ୍ଚାୟତ ୧୩ ୱାର୍ଡକୁ ନେଇ ଗଠିତ। ନାୟବ ସରପଞ୍ଚ ଗୀତାଞ୍ଜଳୀ ଘଡ଼ାଇଙ୍କ ନେତୃତ୍ୱରେ ୯ଜଣ ୱାର୍ଡ ସଭ୍ୟାସଭ୍ୟ ଏକ ବୈଠକରେ ସରପଞ୍ଚଙ୍କ ମନମୁଖି କାର୍ଯ୍ୟ ଓ ବିଭିନ୍ନ ଦୁର୍ନୀତି ସମ୍ପର୍କରେ ପ୍ରଶାସନିକ ଅଧିକାରୀଙ୍କୁ ଅବଗତ କରିଥିଲେ। ଏ ଦିଗରେ କୌଣସି ପଦକ୍ଷେପ ନ ହେବାରୁ ୱାର୍ଡ ସଭ୍ୟ ରଞ୍ଜନ ପରିଡା ଅନାସ୍ଥା ପ୍ରସ୍ତାବ ଆଗତ କରିଥିଲେ। ପୁରସ୍ତମ ବେହେରା, ପ୍ରଭାତୀ ସ୍ୱାଇଁ, ନିରଞ୍ଜନ ପହୀ, ଗୀତାଞ୍ଜଳୀ ଘଡ଼ାଇ, ରଞ୍ଜନ ପରିଡା, ନାଣ୍ଡି ଦେଇ ମଳିକ, ଅଜିତ ସାମଲ, ମାଣିକ ତରେଇ, ଲିତାଞ୍ଜଳୀ ସ୍ୱାଇଁ ପ୍ରମୁଖ ମିଳିତଭାବେ ଉପଜିଲାପାଳଙ୍କୁ ଭେଟି ଥିଲେ।

## ପୂର୍ତ୍ତ ବିଭାଗ ନିର୍ମାଣ କାର୍ଯ୍ୟରେ ଅନିୟମିତତା

# ଚାରିଆଡ଼େ ରାସ୍ତା ଫାଟୁଛି, ଦବୁଛି

- ବିଭାଗୀୟ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି
- କ୍ଷେତ୍ର ପରିଦର୍ଶନ ପରେ ବି କାର୍ଯ୍ୟାନୁଷ୍ଠାନ ଶୂନ

**ଲଳିତଗିରି, ୧୬।୯(ସ୍ୱ.ପ୍ର.)**

ବାଲିଚନ୍ଦ୍ରପୁର-କୁଆଁପାଳ ଓ କୁଆଁପାଳରୁ ଗୋପୀନାଥପୁର ରାସ୍ତା ପୂର୍ବରୁ ଜଳସମ୍ପଦ ବିଭାଗ ଅଧୀନରେ ଥିଲା। ପରେ ଏହାକୁ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରାଯିବା ସହ ପୁନରୁଦ୍ଧାର କାର୍ଯ୍ୟ କରାଯାଇଥିଲା। ବାଲିଚନ୍ଦ୍ରପୁର- କୁଆଁପାଳ ୭ କିଲୋମିଟର ରାସ୍ତା ପାଇଁ ୭ କୋଟି ଟଙ୍କା ବ୍ୟୟ କରାଯାଇ ମେ' ମାସରେ ନିର୍ମାଣ କାର୍ଯ୍ୟ ଶେଷ ହୋଇଥିଲା। ମାତ୍ର ରାସ୍ତା ସରୁସରୁ ତାହା ଫାଟି ଆଁ କରିଛି। ସେହିପରି କୁଆଁପାଳ-ଗୋପୀନାଥପୁର ୧୭ କିଲୋମିଟର ରାସ୍ତା ପାଇଁ ୧୨ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି। ତେବେ ଏହି ରାସ୍ତା ନିର୍ମାଣ ନ ସରୁଣୁ ଚାରିଆଡ଼େ ଦବିଯାଇଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀ ଧାରଣା ଦେବାପରେ କଟକ-୨ ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ କ୍ଷେତ୍ର ପରିଦର୍ଶନ କରି ତଦନ୍ତ କରିଥିଲେ। କିନ୍ତୁ ଅଦ୍ୟାବଧି କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନାହିଁ। ଫଳରେ ମାହାଙ୍ଗା ବିକାଶ ପରିଷଦ ଅଧ୍ୟକ୍ଷ ଶାରଦା ପ୍ରଧାନ ଏହାର ତଦନ୍ତ ଦାବିରେ ମୁଖ୍ୟମନ୍ତ୍ରୀ, ପୂର୍ତ୍ତ ମନ୍ତ୍ରୀ ଓ ସଚିବଙ୍କୁ ଚିଠି ଲେଖିଛନ୍ତି। ଏଥିସହିତ ବିଭିନ୍ନ ସ୍ଥାନରେ ହୋଇଥିବା ଦୁର୍ନୀତିର ଭିଜିଲାନ୍ସ ତଦନ୍ତ ଦାବି କରିଛନ୍ତି।

ସୂଚନାଯୋଗ୍ୟ, କଟକ-୨ ପୂର୍ତ୍ତ ବିଭାଗ ଡିଭିଜନ ଅଧୀନରେ ରହିଛି ବାଲିଚନ୍ଦ୍ରପୁର-କୁଆଁପାଳ, କୁଆଁପାଳ-





କୁଆଁପାଳ-ଗୋପୀନାଥପୁର ରାସ୍ତା ଦବିଛି। ବାଲିଚନ୍ଦ୍ରପୁର-କୁଆଁପାଳ ରାସ୍ତା ଫାଟିଛି।

ଗୋପୀନାଥପୁର, ବାଲିଚନ୍ଦ୍ରପୁର-ଲଳିତଗିରି, ମାହାଙ୍ଗା-କଟିକଟା, ଲଳିତଗିରି-ନିଶ୍ଚନ୍ତକୋଇଲି ରାସ୍ତା। ବାଲିଚନ୍ଦ୍ରପୁର-କୁଆଁପାଳ ପାଇଁ ୭ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଥିଲା ବେଳେ ମାହାଙ୍ଗା-କଟିକଟା ୨୦ କିଲୋମିଟର ରାସ୍ତା ପାଇଁ ୨୦ କୋଟି, ଲଳିତଗିରି-ନିଶ୍ଚନ୍ତକୋଇଲି ୨୪ କିଲୋମିଟର ପାଇଁ ୨୪ କୋଟି, କୁଆଁପାଳ-ଗୋପୀନାଥପୁର ରାସ୍ତା ପାଇଁ ୧୨ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି। କୁଆଁପାଳ-ବାଲିଚନ୍ଦ୍ରପୁର ରାସ୍ତାର କୁସୁପୁରଠାରେ ୧୦୦ ମିଟର ଫାଟି ଦବିଯାଇଛି। କୁଆଁପାଳ-ଗୋପୀନାଥପୁର ରାସ୍ତାର ଭେଡ଼ା ନିକଟରେ ୧୦୦ ମିଟର ପର୍ଯ୍ୟନ୍ତ ୩ ଫୁଟ୍ ଦବିଯାଇଛି। ଉକ୍ତ ରାସ୍ତା କାର୍ଯ୍ୟର ଅନିୟମିତତା ନେଇ ଗତ ୧୧ରେ କଟକ ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଏନସି ପାଲ, ସର୍କଲ ଅଧୀକ୍ଷଣ ଯନ୍ତ୍ରୀ ଫକୀର ପାଣିଗ୍ରାହୀ, ନିର୍ବାହୀ ଯନ୍ତ୍ରୀ ଶୁଭେନ୍ଦୁ ମହାପାତ୍ର ପ୍ରମୁଖ ଘଟଣାସ୍ଥଳ ପରିଦର୍ଶନ କରି ଏଥିରେ ବ୍ୟାପକ ଅନିୟମିତତା ହୋଇଥିବା ଜାଣିବାକୁ ପାଇଥିଲେ। ୨୦୧୭-୧୮ ଓ ୨୦୧୮-୧୯ ଆର୍ଥିକ ବର୍ଷରେ ଗୁପ୍ତ ଟେଣ୍ଡର ମାଧ୍ୟମରେ ପୂର୍ତ୍ତ ବିଭାଗରୁ ୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ହରିଲୁଟ ହୋଇଥିବା ନେଇ ସ୍ଥାନୀୟ ଲୋକେ ଅଭିଯୋଗ କରିବା ସହ ଭିଜିଲାନ୍ସ ତଦନ୍ତ ଦାବି କରିଛନ୍ତି। ଏହି ସବୁ ରାସ୍ତା ନିର୍ମାଣ ପୂର୍ବରୁ ମରାମତି ନାମରେ କୋଟି କୋଟି ଟଙ୍କା କାଗଜପତ୍ରରେ ଖର୍ଚ୍ଚ କରାଯାଇଥିବା ଅଭିଯୋଗରେ ଦର୍ଶାଯାଇଛି। ତେବେ ନିମ୍ନମାନର ରାସ୍ତା ନିର୍ମାଣ ସହ କିପରି ଭାବରେ ନିର୍ମାଣ ପୂର୍ବରୁ କୋଟିକୋଟି ଟଙ୍କା ଖର୍ଚ୍ଚ କରାଗଲା ତାହା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସେହିପରି ବାଲିଚନ୍ଦ୍ରପୁର-ଲଳିତଗିରି ୫ କିଲୋମିଟର ଲମ୍ବ ରାସ୍ତାରେ ୨୦୧୭-୧୮ ଆର୍ଥିକ ବର୍ଷରେ ୩ କୋଟି ଟଙ୍କା ବିନା ଟେଣ୍ଡରରେ ଖର୍ଚ୍ଚ କରାଯାଇଛି। ୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହେଲେ ଟେଣ୍ଡର କରିବାର ନିୟମ ଥିଲା ବେଳେ କିପରି ୩ କୋଟି ଟଙ୍କା ଖର୍ଚ୍ଚ କରାଗଲା ତାହାକୁ ନେଇ ପ୍ରଶ୍ନ ଉଠିଛି। ଏ ସମ୍ପର୍କରେ କଟକ ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ଶୁଭେନ୍ଦୁ ମହାପାତ୍ରଙ୍କୁ ପଚାରିବାରେ ସେ କହିଥିଲେ, ବିଭାଗୀୟ ଉପରିସ୍ଥ ଅଧିକାରୀମାନେ ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି। ଏଥିରେ ଅନିୟମିତତା ହୋଇଥିବା ଜାଣିବାକୁ ପାଇଛନ୍ତି। ତେଣୁ ବିଭାଗ ପକ୍ଷରୁ ନିଶ୍ଚିନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।



ସର୍ବଦା ଅହିଂସା ଆଚରଣ କର। କାରଣ ଅହିଂସା ପରମ ଧର୍ମ, ପରମ ତପ, ପରମ ଜ୍ଞାନ ଓ ପରମ ପଦ ଅଟେ।
- ବ୍ୟାସଦେବ



## ସଂକ୍ଷେପରେ

### ବଧୂହତ୍ୟା ଅଭିଯୋଗ: ୨ ମହିଳା ଗିରଫ



**ରଣପୁର,୧୬।୯(ସ୍ୱ.ପ୍ର.):** ବଧୂହତ୍ୟା ଅଭିଯୋଗରେ ନୟାଗଡ ଜିଲାର ଚାନ୍ଦପୁର ଥାନା ପୋଲିସ ରାଜଜଙ୍କିଆ ଗାଁର ଦମୟନ୍ତୀ ମାଝି (୪୩) ଓ ମିନା ମାଝି (୫୨) ନାମ୍ନୀ ଦୁଇ ମହିଳାଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ପରେ ଉଭୟ ଅଭିଯୁକ୍ତଙ୍କୁ ରଣପୁର ଉପକାରାଗାରକୁ ପଠାଇ ଦିଆଯାଇଛି। ଗତ ଜୁନ ୩୦ ତାରିଖରେ ରାଜଜଙ୍କିଆ ଗାଁର ବିଭୂତି ମାଝିଙ୍କ ସ୍ତ୍ରୀ ମିଲି (୩୫)ଙ୍କୁ ଶାଶୁଘର ଓ କିଛି ପଡୋଶୀ ମିଳିତ ଭାବେ ବିଷ ପିଆଇ ହତ୍ୟା କରିବାକୁ ଉଦ୍ୟମ କରିଥିଲେ। ମିଲି ଗୁରୁତର ଅବସ୍ଥାରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ଜୁଲାଇ ୨ ତାରିଖରେ ତାଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଥିଲା । ତେବେ ପୂର୍ବରୁ ତାଙ୍କୁ କିପରି ହତ୍ୟା ଉଦ୍ୟମ କରାଯାଇଥିଲା ସେ ନେଇ ମିଲି ପୋଲିସକୁ ବୟାନ ଦେଇଥିଲେ। ମୃତକଙ୍କ ମା' ଓସ୍ତପଡା ଗାଁର ନଳିନୀ ସିଂଙ୍କ ଅଭିଯୋଗ କ୍ରମେ ପୋଲିସ ଆଇପିସି ଦଫା ୪୯୮, ୩୦୨, ୩୪ରେ ମାମଲା (ନଂ.୬୭/୧୯) ରୁଜୁ କରିଥିଲା। ଘଟଣାର ୨ମାସ ପରେ ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି।

### ରାଜପଥରେ ଜୀବଜନ୍ତୁଙ୍କ ଗଳିତ ଶବ, ଦୁର୍ଘଟଣା ଆଶଙ୍କା

**ନିରାକାରପୁର,୧୬।୯(ଡି.ଏନ.ଏ.):** ରାଜପଥ ସଫା ରଖିବା ଦାୟିତ୍ୱରେ ସରକାରଙ୍କ ବିଭିନ୍ନ ସଂସ୍ଥା ରହିଛି। ହେଲେ ଉକ୍ତ ସଂସ୍ଥା ସେମାନଙ୍କ କାର୍ଯ୍ୟ ଠିକ୍ ଭାବେ କରୁ ନ ଥିବାରୁ ରାଜରାସ୍ତାରେ ଜୀବଜନ୍ତୁଙ୍କ ଗଳିତ ଶବ ଦୀର୍ଘଦିନ ଧରି ପଡିରହୁଛି। ଏହା ଦ୍ୱାରା ପରିବେଶ ପ୍ରଦୂଷିତ ହେଉଥିବାବେଳେ ଦୁର୍ଘଟଣା ଘଟିବା ଆଶଙ୍କା ସୃଷ୍ଟି ହୋଇଛି। ଏଭଳି ଘଟଣା ଖୋର୍ଦ୍ଧା ଜିଲାଦେଇ ଯାଇଥିବା ୧୬ନଂ. ଜାତୀୟ ରାଜପଥରେ ନିୟମିତ ଦେଖିବାକୁ ମିଳୁଛି। ବିଶେଷ କରି ଟାଙ୍ଗୀଠାରୁ ଜଙ୍କିଆ ମଧ୍ୟରେ ଏହା ଅଧିକ ଦେଖାଯାଉଛି। ସୂଚନାଯୋଗ୍ୟ ରାଜପଥ ମଧଭାଗରେ ବିଭିନ୍ନ ପ୍ରକାର ଫୁଲ ଓ ଅନ୍ୟାନ୍ୟ ଗଛ ଲଗାଯାଇଛି। ହେଲେ ଏହା ଚାରିପାଖ ନିୟମିତ ସଫା କରାଯାଉନି। ଫଳରେ ଉକ୍ତ ସ୍ଥାନ ଅନାବନା ଘାଷରେ ପରିପୂର୍ଣ୍ଣ ହୋଇରହୁଛି। ଏହା ଖାଇବାକୁ ଯାଉଥିବା ଗୋରୁ ରାଜରାସ୍ତାରେ ଯାତାୟାତ କରୁଥିବା ଗାଡିମୋଟର ଧକ୍କାରେ ମୃତ୍ୟୁମୁଖରେ ପଡୁଛନ୍ତି। ପୁଣି ଉକ୍ତ ମୃତ ଗୋରୁଙ୍କୁ ଖାଇବାକୁ ଯାଇ ବୁଲା କୁକୁର ମଧ ଗାଡି ଧକ୍କାରେ ମରୁଛନ୍ତି । ଏହା ଦୀର୍ଘଦିନ ଧରି ପଡିରହୁଥିବାରୁ ରାତିରେ ଠିକ୍ ଭାବେ ଦେଖି ନ ପାରି ଅନେକ ଗାଡି ଚାଳକ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି।

### ୪ଦିନିଆ ଦକ୍ଷତା ବିକାଶ, ଯୋଗ ଶିବିର ଉଦ୍‌ଯାପିତ



**ଖଣ୍ଡପଡ଼ା,୧୬।୯(ସ୍ୱ.ପ୍ର.):** ନୀଳମାଧବ ମହାବିଦ୍ୟାଳୟରେ ଗତ ୧୨ ତାରିଖଠାରୁ ଆରମ୍ଭ ହୋଇଥିବା ୪ ଦିନିଆ ଦକ୍ଷତା ବିକାଶ ଓ ଯୋଗ ଶିବିର ରବିବାର ଉଦ୍‌ଯାପିତ ହୋଇଯାଇଛି। ଗତ ଗୁରୁବାର ନୀଳମାଧବ ମହାବିଦ୍ୟାଳୟ ପରିସରରେ ଭାରତ ସରକାରଙ୍କ ସ୍କିଲ ଇଣ୍ଡିଆ ପ୍ରକଳ୍ପ ପକ୍ଷରୁ ତଥା ଆର୍ଟ ଅଫ୍ ଲିଭିଂ ଦ୍ୱାରା ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଇତିହାସ ବିଭାଗ ମୁଖ୍ୟ ଅଧାପକ ବଳରାମ ଲେଙ୍କାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରରେ ମହାବିଦ୍ୟାଳୟର ୪୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର, ଅଧାପିକା, ଅଧାପକ ଓ କର୍ମଚାରୀ ଅଂଶଗ୍ରହଣ କରିଥିଲେ। ଆର୍ଟ ଅଫ୍ ଲିଭିଂ ତରଫରୁ ପ୍ରଶିକ୍ଷକ ଭାବେ ଦେବଦତ୍ତ ଦାସ ଯୋଗଦେଇ ଦକ୍ଷତା ବିକାଶ ସମ୍ପର୍କରେ ଆଲୋକପାତ କରିଥିଲେ। ଯୋଗକୁ ନିଜ ଜୀବନର ଅନ୍ୟତମ ଅଙ୍ଗ ଭାବେ ଗ୍ରହଣ କରିବାକୁ ଆହ୍ୱାନ ଦେଇଥିଲେ । ଅଧାପକ ଲେଙ୍କା ଯୋଗ ଓ ଏହାର ଉପାଦେୟତା ବିଷୟରେ ବୁଝାଇଥିଲେ। ମହାବିଦ୍ୟାଳୟ ଉପାଧକ୍ଷ ଈଶ୍ୱର ଚନ୍ଦ୍ର ଦାଶ, ଅଧାପିକା ଜୟଶ୍ରୀ ସାହୁ, ଦିଲୀପ କୁମାର ସାହୁ ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ରଖିଥିଲେ।

# ବଢୁଛି ରୋଗୀଙ୍କ ଭିଡ଼, ନାହାନ୍ତି ଆବଶ୍ୟକ ଡାକ୍ତର

**ନୟାଗଡ଼ ଅଫିସ,୧୬।୯**

ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀମାନେ ଡାକ୍ତର ଅଭାବରୁ ଘଣ୍ଟା ଘଣ୍ଟା ଧରି ଲାଇନ୍‌ରେ ଛିଡ଼ା ହେଉଛନ୍ତି। ଏପରିକି ଜ୍ୱର ହୋଇଥିଲେ ମଧ୍ୟ ରୋଗୀମାନଙ୍କୁ ୨ ଘଣ୍ଟା ଧରି ଲାଇନ୍‌ରେ ରହିବାକୁ ପଡୁଛି। ଟିକେଟ ପାଇଁ କାଉଣ୍ଟରରେ ଲମ୍ବା ଲାଇନ୍ ଲଗାଇବା ପରେ ଡାକ୍ତରଙ୍କୁ ଦେଖାଇବା ପାଇଁ ଲମ୍ବା ଲାଇନ୍ ଓ ଏହା ପରେ ନିରାମୟରୁ ଔଷଧ ନେବା ଲାଗି ମଧ ରୋଗୀମାନେ ଲମ୍ବା ଲାଇନ୍‌ରେ ଛିଡ଼ା ହୋଇ ରହୁଥିବାର ଦେଖିବାକୁ ମିଳୁଛି। ଅନ୍ୟପକ୍ଷେ ରୋଗୀମାନେ ଦୀର୍ଘ ସମୟ ଧରି ଲମ୍ବା ଲାଇନ୍‌ରେ ଛିଡ଼ା ହୋଇ ଅପେକ୍ଷା କରିଥିବା ବେଳେ ଠିକ୍ ସମୟରେ ଡାକ୍ତରଙ୍କ ଦେଖା ମିଳି ନ ଥାଏ। ସକାଳ ୮ଟାରେ ଡାକ୍ତରଙ୍କ ଡ୍ୟୁଟି ସମୟ ଥିଲା ବେଳେ ୯ଟା ପରେ ମଧ ଡାକ୍ତରମାନେ ଆସୁନାହାନ୍ତି। ମଧ୍ୟାହ୍ନ ୧୨ଟାରେ ଓପିଡ଼ି ବନ୍ଦ ହୋଇ ଯାଉଥିବାରୁ ଜେନେରାଲ୍ ୱାର୍ଡରେ ମଧ



ଜିଲା ମୁଖ୍ୟ ଚିକିତ୍ସାଳୟରେ ଓପିଡି ବିଭାଗରେ ଲାଗିଛି ଲମ୍ବା ଧାଡ଼ି।

ସମାନ ଅବ୍ୟବସ୍ଥା। ସେଠାରେ ମଧ୍ୟ ରୋଗୀମାନେ ଘଣ୍ଟା ଘଣ୍ଟା ଲାଇନ୍‌ରେ ଛିଡ଼ା ହେଉଛନ୍ତି। ରୋଗୀଙ୍କ ଭିଡ଼ ବଢୁଥିବା ବେଳେ ଡାକ୍ତରଙ୍କ ଦେଖା ମିଳୁନାହିଁ। ଫଳରେ ରୋଗୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଯେଉଁଠାରେ ୪ ଜଣ ଡାକ୍ତର ବସି ରୋଗୀଙ୍କୁ ଦେଖିବା କଥା ସେଠାରେ ଅଛନ୍ତି ମାତ୍ର ୨ ଜଣ। ଡାକ୍ତର ଅଭାବ ଏକ ପ୍ରକାର ସମସ୍ୟା ହୋଇଛି। ପ୍ରକାଶ ଯେ, ଜିଲା ମୁଖ୍ୟ ଚିକିତ୍ସାଳୟରେ ୫୪ଟି ମଞ୍ଜୁରୀପ୍ରାପ୍ତ ଡାକ୍ତର ପଦବୀ ରହିଥିବା ବେଳେ ଅଛନ୍ତି ୨୬ ଜଣ ଡାକ୍ତର। ସେମାନଙ୍କ ମଧ୍ୟରୁ ୩ ଜଣ ୱିଇଙ୍ଗ ଅଫିସର ଭାବେ କାର୍ଯ୍ୟ କରୁଛନ୍ତି। ଫଳରେ ୨୩ ଜଣ ଡାକ୍ତର ରୋଗୀମାନଙ୍କ ସେବାରେ ନିୟୋଜିତ ହୋଇଛନ୍ତି। ପଦବୀ ଖାଲି ପଡ଼ିବା ଯୋଗୁ ଚିକିତ୍ସାରେ ବାଧାପ୍ରାପ୍ତ ହେଉଥିବା ଦେଖିବାକୁ ମିଳୁଛି। ଅନ୍ୟପକ୍ଷେ ଜିଲା ମୁଖ୍ୟ ଚିକିତ୍ସାଳୟର ସମୁଦାୟ ଶଯ୍ୟା ସଂଖ୍ୟା ୧୬୮ ଥିଲା ବେଳେ ଏହାକୁ ବୃଦ୍ଧି କରିବା ପାଇଁ କୁହାଯାଉଥିଲେ ମଧ କେହି ଏଥିପ୍ରତି କର୍ଣ୍ଣପାତ କରୁନାହାନ୍ତି। ପ୍ରତିଦିନ ୨୪୦ରୁ ଅଧିକ ରୋଗୀ ଭର୍ତ୍ତି ହେଉଥିବା ବେଳେ ଆବଶ୍ୟକ ବେଡ୍ ନ ଥିବାରୁ ରୋଗୀମାନେ ବାରଣ୍ଡାରେ

- ■ଘଣ୍ଟା ଘଣ୍ଟା ଧରି ଲାଇନ୍‌ରେ ଛିଡ଼ା ହେଉଛନ୍ତି ରୋଗୀ
- ■ଆବଶ୍ୟକ ୫୪ ଡାକ୍ତର, ଅଛନ୍ତି ୨୩
- ■୯ଟା ପରେ ମଧ ଆସୁନାହାନ୍ତି ଡାକ୍ତର

ଚିକିତ୍ସିତ ହେଉଛନ୍ତି। ଏ ଦିଗରେ ପ୍ରଶାସନ ଧ୍ୟାନ ଦେଉ ନ ଥିବାରୁ ପ୍ରତିଦିନ ରୋଗୀ ଓ ସେମାନଙ୍କ ସମ୍ପର୍କୀୟମାନେ ହଇରାଣ ହେଉଛନ୍ତି। ଏ ନେଇ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଶ୍ୱେତ ମହାପାତ୍ରଙ୍କୁ ପଚାରିବାରୁ ସେ କୁହନ୍ତି ଡାକ୍ତରମାନେ ଠିକ୍ ସମୟରେ ଆସୁଛନ୍ତି। ବେଳେ ବେଳେ କିଛି ସ୍ପେଶାଲିଷ୍ଟ ଡାକ୍ତରଙ୍କ ରାତି ଡ୍ୟୁଟି ଥିବାରୁ କିଛି ସମୟ ବିଳମ୍ବରେ ଆସୁଥିବା ସେ ପ୍ରକାଶ କରିଥିଲେ। ରୋଗୀମାନଙ୍କ ଭିଡ଼କୁ ଦୃଷ୍ଟିରେ ରଖି କିପରି ଏହାକୁ ସମାଧାନ କରାଯାଇପାରିବ ସେ ନେଇ ବନ୍ଦୋବସ୍ତ କରାଯାଉଥିବା ସେ ସୂଚନା ଦେଇଥିଲେ।

## ଅନୁକୂଳଚନ୍ଦ୍ରଙ୍କ ୧୩୨ତମ ଜନ୍ମଦିବସ

**ନୟାଗଡ଼ ଅଫିସ,୧୬।୯**

ନୟାଗଡ଼ ସତସଙ୍ଗ ବିହାର ପରିସରରେ ରବିବାର ଶ୍ରୀଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କର ୧୩୨ତମ ଜନ୍ମ ଦିବସ ପାଳିତ ହୋଇଯାଇଛି। ସକାଳେ ବେଦ ମାଙ୍ଗଳିକ, ଉଷା କୀର୍ତ୍ତନ, ପ୍ରାର୍ଥନା, ସଦ୍‌ଗ୍ରନ୍ଥ ପାଠ, ମାତୃ ସମ୍ମିଳନୀ, ସଙ୍ଗୀତାଞ୍ଜଳି କରାଯାଇଥିଲା। ଏହା ପରେ ଠାକୁରଙ୍କ ଦିବ୍ୟଜୀବନୀ ଉପରେ ଆଲୋଚନା କରାଯିବା ସହ ବର୍ତ୍ତମାନ ସମାଜରେ ପରିବାର ଓ ପରିବେଶର ଗୁରୁତ୍ୱ ଉପରେ ଆଲୋଚନା ହୋଇଥିଲା। ପରିବାର ସହ ସକାଳେ ଓ ସନ୍ଧ୍ୟାରେ ଏକାଠି ହୋଇ ପ୍ରାର୍ଥନା କରିବା, ଗୁରୁଜନଙ୍କୁ ପ୍ରଣାମ କରିବା ନିତାନ୍ତ ଆବଶ୍ୟକ। ତାହା ହେଲେ ସୁସ୍ଥ ପରିବାର ଗଠନ ହୋଇପାରିବ। ସୁସ୍ଥ ପରିବାର ଗଠନ ହେଲେ ସ୍ୱତଃ ସୁସ୍ଥ ସମାଜ ଗଠନ ହୋଇପାରିବ ବୋଲି ଯୋଗ ଦେଇଥିବା ବ୍ୟକ୍ତିମାନେ ପ୍ରକାଶ କରିଥିଲେ। ଦୁଃଶାସନ ସାହୁଙ୍କ ସଭାପତିତ୍ୱରେ ହୋଇଥିବା ଏହି ସତ୍‌ସଙ୍ଗରେ ମନୋଜ ସାହୁ, ମନୋଜ ପଣ୍ଡା, ସୁରଜିତ୍ ଶତପଥୀ, ଉତ୍ପଳ କୁମାର ସାହୁ, ଗିରିଧାରୀ ନାୟକ, ଉମେଶ ଦାସ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ସକ୍ରିୟ ହେଲେ ପୌରପରିଷଦ କର୍ମଚାରୀ
# ୧୫ କିଲୋ ପଲିଥିନ ଜବତ, ୧୭ ହଜାର ଜରିମାନା



ଉଠା ଦୋକାନୀଙ୍କୁ ହଟାଯାଉଛି।

**ନୟାଗଡ଼ ଅଫିସ,୧୬।୯**

କିଛି ଦିନ ବସି ରହିବା ପରେ ନୟାଗଡ଼ ପୌର ପରିଷଦ କର୍ମଚାରୀ ସକ୍ରିୟ ହୋଇ ସୋମବାର ସହରର ବିଭିନ୍ନ ଦୋକାନରେ ଚଢାଉ କରି ପଲିଥିନ ଜବତ କରିଛନ୍ତି। ଏଥିସହିତ ଉଠା ଦୋକାନୀଙ୍କୁ ହଟାଇଥିବାର ଦେଖିବାକୁ ମିଳିଥିଲା। ସେମାନେ ବିଭିନ୍ନ ଦୋକାନରୁ ୧୫ କିଲୋ ପଲିଥିନ ଜବତ କରିବା ସହିତ ୧୭, ୫୦୦ ଟଙ୍କା ଜରିମାନା ଆଦାୟ କରିଥିଲେ। ସକାଳୁ ପୌର ପରିଷଦ କର୍ମଚାରୀମାନେ ବିଭିନ୍ନ ଦୋକାନରେ ପଲିଥିନ ଚଢ଼ାଉ କରିଥିଲେ। ଏହା ପରେ ସିଂହଗଳିଠାରୁ ତ୍ରିନାଥ ବଜାର ପର୍ଯ୍ୟନ୍ତ ଥିବା ରାସ୍ତାକୁ କବ୍‌ଜା କରିଥିବା ଉଠା ଦୋକାନୀଙ୍କୁ ହଟାଇଥିଲେ। ପୂର୍ବରୁ ଉଠା ଦୋକାନୀଙ୍କଠାରୁ ଜରିମାନା ଆଦାୟ କରିଥିଲେ ମଧ ସେମାନେ ରାସ୍ତା ଉପରେ ଜିନିଷ ରଖି ବିକ୍ରୟ କରୁଥିବାର ଦେଖିବାକୁ ମିଳିଥିଲା। ଫଳରେ ପୌର ପରିଷଦର କର୍ମଚାରୀମାନେ ସେମାନଙ୍କ ପନିପରିବା ଓ ଫଳ ସବୁ ଉଠାଇ ନେଇ ଆସିଥିଲେ। ଆଗାମୀ ଦିନରେ ଏହି ଚଢ଼ାଉ ଜାରି ରହିବ ବୋଲି ସୂଚନା ମିଳିଛି। ପୌର ପରିଷଦ ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ଜେନାଙ୍କ ନିର୍ଦ୍ଦେଶକ୍ରମେ ୧୦ ଜଣିଆ ଟିମ୍ ଏହି ଚଢ଼ାଉରେ ସାମିଲ ଥିଲେ। ୱାରେଣ୍ଟ ଅଫିସର ନାରାୟଣ ନାୟକ, ମାର୍କେଟ ସୁପରଭାଇଜର କୈଳାସ ଚନ୍ଦ୍ର ଜେନାଙ୍କ ସମେତ କର୍ମଚାରୀମାନେ ଚଢ଼ାଉରେ ସାମିଲ ହୋଇଥିଲେ।

## ମନ୍ଦିରରୁ ଚୋରି: ଧରାପଡ଼ି ଜରିମାନା ଦେଲେ ଅଭିଯୁକ୍ତ

**ଭାପୁର,୧୬।୯(ଡି.ଏନ.ଏ.)**

ଭାପୁର ବଜାର ତହସିଲ ଅଫିସ ନିକଟସ୍ଥ ମା' ବ୍ରାହ୍ମଣୀ ଦେବୀ ମନ୍ଦିରରେ ଲାଗିଥିବା ସୋଲାର ଲାଇଟ୍‌ରୁ ବ୍ୟାଟେରି ଚୋରି ହୋଇଥିଲା। ଏହା ଜଣାପଡିବା ପରେ ଅଭିଯୁକ୍ତମାନଙ୍କ ଠାରୁ ଜରିମାନା ଆଦାୟ କରାଯାଇଛି। ଭାପୁର ବଜାରରେ ଦୋକାନ ଦେଇଥିବା ଜଣେ ବ୍ୟକ୍ତି ୨ ନାବାଳକଙ୍କୁ ପ୍ରବର୍ତ୍ତାଇ ମନ୍ଦିର ଲାଇଟରୁ ବ୍ୟାଟେରି ଚୋରି କରାଇଥିଲେ। ଧରାପଡ଼ିବା ପରେ ୨ ଛାତ୍ରଙ୍କ ଅଭିଭାବକ ଓ ଦୋକାନୀ ୧୫ହଜାର ଟଙ୍କା ଜରିମାନା ଦେଇଛନ୍ତି। ବୁଧବାର ପାର୍ବତୀପୁର ଗ୍ରାମର ଜଣେ ବ୍ୟବସାୟୀ ୨ସ୍କୁଲ ଛାତ୍ରଙ୍କ ମାଧ୍ୟମରେ ଚୋରି କରାଇଥିଲେ। ରବିବାର ହନୁମାନ ମନ୍ଦିରଠାରେ ମନ୍ଦିର କମିଟି ଓ ଭଦ୍ରବ୍ୟକ୍ତିମାନଙ୍କ ପକ୍ଷରୁ ବୈଠକ ବସି ହୋଇଥିଲା। ଏହି ଚୋରି କରାଇଥିବା ବ୍ୟକ୍ତିଙ୍କ ଠାରୁ ୧୧ହଜାର ଟଙ୍କା ଓ ୨ ନାବାଳକଙ୍କ ପିତାଙ୍କ ଠାରୁ ୨ ହଜାର ଟଙ୍କା ଲେଖାଏଁ ମୋଟ ୧୫ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ଏଥିସହ ଚୋରି ହୋଇଥିବା ସୋଲାର ବ୍ୟାଟେରି ମଧ ସେ ଫେରସ୍ତ କରିଛନ୍ତି।

## ୬ ଦିନ ପରେ ଖୋଲିଲା ଅଙ୍ଗନୱାଡି କେନ୍ଦ୍ର

**ଦଶପଲ୍ଲା,୧୬।୯ (ଡି.ଏନ.ଏ.)**

ଦଶପଲ୍ଲା ବ୍ଲକ ଅନ୍ତର୍ଗତ ଓଡ଼ଶର ଗ୍ରାମରେ ଥିବା ଅଙ୍ଗନୱାଡି କେନ୍ଦ୍ରରେ ୬ ଦିନ ଧରି ତାଲା ପଡ଼ି ବନ୍ଦ ରହିବା ପରେ ସୋମବାର ଖୋଲାଯାଇଛି। ଖାଦ୍ୟ ଦେବାରେ ଅନୀୟମିତତା ଓ ପିଲାଙ୍କ ଦେଖାଶୁଣାରେ ଅବହେଳା ନେଇ କେତେକ ଲୋକ ତାଲା ପକାଇଥିଲେ। ଫଳରେ ୫ ଦିନ ଧରି ପିଲାଙ୍କ ପାଠପଢା ବନ୍ଦ ରହିଥିଲା।

ବିଭିନ୍ନ ସମସ୍ୟା ନେଇ ଗ୍ରାମର କେତେକ ଲୋକ ମଙ୍ଗଳବାର ଏହି କେନ୍ଦ୍ରରେ ତାଲା ପକାଇଥିଲେ। ଫଳରେ ସେହିଦିନ ଠାରୁ ସେଣ୍ଟର ବନ୍ଦ ରହିଥିଲା। ଗୁରୁବାର ଏଥିନେଇ ରାତିରେ ଗ୍ରାମରେ ଏକ ବୈଠକ ବସିଥିଲେ ମଧ କୌଣସି ପ୍ରତିକାର ନ ହେବାରୁ ପୁନର୍ବାର ରବିବାର ରାତିରେ ଏକ ବୈଠକ ବସିଥିଲା। ଏ ସମ୍ପର୍କରେ ଅଙ୍ଗନୱାଡି କର୍ମୀ ସୁପ୍ରଭା ମିଶ୍ରଙ୍କୁ ପଚାରିବାରେ ହେଲପରଙ୍କ ଘରେ ଗ୍ରାମର ସଭାପତି ଚାବି ଦେଇଥିଲେ ମୁଁ ଚାବି ଆଣି ଖୋଲିଲି ଏବଂ ସେଣ୍ଟରରେ ପାଠପଢା ହେବା ସହ ପିଲାଙ୍କୁ ଖାଦ୍ୟ ଦିଆଯାଇଥିଲା। ପ୍ରାୟ ୨୫ ପିଲା ସୋମବାର କେନ୍ଦ୍ରକୁ ଆସିଥିଲେ। ଏ ସମ୍ପର୍କରେ ସୁପରଭାଇଜର ପଦ୍ମାଳୟା ଶତପଥୀଙ୍କୁ ଯୋଗାଯୋଗ କରିବାରେ ସେଣ୍ଟର ସୋମବାର ଖୋଲିବା ସହ ପାଠପଢା ମଧ ହୋଇଥିଲା ବୋଲି ପ୍ରକାଶ କରିଥିଲେ।

ସେଣ୍ଟରରେ ୬ ଦିନ ଧରି ତାଲା ପଡ଼ିବା ଦ୍ୱାରା ଛାତ୍ରୀଛାତ୍ରଙ୍କ ପାଠପଢାରେ ବ୍ୟାହତ ହୋଇଥିଲା।

## ପୋଲିସ ମାଡ଼ରେ ଯୁବକ ଗୁରୁତର

**ନୟାଗଡ଼ ଅଫିସ,୧୬।୯**

ପୋଲିସ ମାଡ଼ରେ ଜଣେ ଯୁବକ ଗୁରୁତର ହୋଇଛନ୍ତି। ଏହିଭଳି ଅଭାବନୀୟ ଘଟଣା ନୟାଗଡ଼ ଜିଲା ଭାପୁର ବ୍ଲକ ଫତେଗଡ଼ ଥାନା ଅଞ୍ଚଳରେ ଘଟିଛି। ଗୁରୁତର ଯୁବକ ହେଲେ ଭାପୁର ବ୍ଲକ ବିଜିପୁର ପଞ୍ଚାୟତ ମାଳିବାରେଣୀ ଗ୍ରାମର ପ୍ରଦୀପ କୁମାର ସାମଲ ।

ପ୍ରଦୀପଙ୍କ କହିବାନୁସାରେ, ଶନିବାର ସନ୍ଧ୍ୟାରେ ସେ ଓ ତାଙ୍କର କିଛି ସାଙ୍ଗ ବିଜିପୁର ଛକରେ ବସିଥିଲେ। ଏହି ସମୟରେ ଫତେଗଡ଼ ଥାନାର ଦୁଇଜଣ ପୋଲିସ କର୍ମଚାରୀ ସାଦା ପୋଷାକରେ ସେମାନଙ୍କୁ ଗୋଡ଼ାଇଥିଲେ। ଅନ୍ୟମାନେ ଦୌଡ଼ି ପଳାଇ ଯାଇଥିବା ବେଳେ ପୋଲିସ ତାଙ୍କୁ ଧରିବା ସହିତ ସେଠାରେ ଥିବା ଏକ ବାଇକ୍‌କୁ ଜବତ କରିଥିଲା। ଶନିବାର ରାତିରେ ତାଙ୍କୁ ଥାନାକୁ ଆଣି ବାଇକ୍ ଚୋରି ଅଭିଯୋଗରେ ପଚରାଉଚରା କରିଥିଲା। ସେ କିଛି ନ କହିବାରୁ ଥାନାର ଦୁଇ ଜଣ କର୍ମଚାରୀ ତାଙ୍କୁ ମାଡ଼ ମାରିଥିଲେ। ଫଳରେ ସେ ଅଚେତ ହୋଇପଡ଼ିଥିଲେ। ରବିବାର ସକାଳେ ତାଙ୍କ ଦେହ ଭଲ ନ ଥିବା ପ୍ରଦୀପ କହିଥିଲେ ମଧ ପୋଲିସ ତାଙ୍କୁ ମେଡ଼ିକାଲ୍ ନେଇ ନ ଥିଲା। ପରେ ଅପରାହ୍ନରେ ପ୍ରଦୀପଙ୍କୁ ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି



ଗୁରୁତର ଯୁବକ ପ୍ରଦୀପ।

କରାଯାଇଥିଲା। ସେଠାରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ରାତିରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ବର୍ତ୍ତମାନ ପ୍ରଦୀପ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ଏ ନେଇ ଫତେଗଡ଼ ଥାନା ଅଧିକାରୀ ନିରଞ୍ଜନ ଧୀରଙ୍କୁ ପଚାରିବାରୁ ସେ କୁହନ୍ତି ପ୍ରଦୀପଙ୍କ ନାମରେ ଥାନାରେ ବିଭିନ୍ନ ମାମଲା ରହିଛି। ସେ ବିଭିନ୍ନ ଆପରାଧିକ କାର୍ଯ୍ୟକଳାପରେ ଲିପ୍ତ ଥିବାରୁ ପୋଲିସ ତାଙ୍କୁ ଗିରଫ କରିବା ପାଇଁ ବିଜିପୁର ଛକରେ ଚଢ଼ାଉ କରିଥିଲା। ଏହି ସମୟରେ ସେ ଦୌଡ଼ି ପଳାଇବାରୁ ପ୍ରଦୀପ ଆହତ ହୋଇଥିବା ସେ ପ୍ରକାଶ କରିଥିଲେ।

## ଛାତ୍ରୀଙ୍କୁ ଅସଦାଚରଣ ଅଭିଯୋଗ

**ବେଗୁନିଆ, ୧୬।୯(ଡି.ଏନ.ଏ):** ଗତ ୧୪ତାରିଖରେ ଏହି ଥାନା ଅଞ୍ଚଳର ଜଣେ ନାବାଳିକା ଛାତ୍ରୀଙ୍କ ଶରୀର ଅସୁସ୍ଥ ଥିବାରୁ ସ୍କୁଲ ପିଅନ ତାଙ୍କ ଘରକୁ ଔଷଧ ଦେବାକୁ ଆସିଥିଲେ। ସେ ଘରେ ଏକୁଟିଆ ଥିବା ବେଳେ ପିଅନଜଣକ ତାଙ୍କୁ ଅସଦାଚରଣ କରିଥିଲେ। ପରିବାର ଲୋକେ ଥାନାରେ ଅଭିଯୋଗ କରିଥିଲେ। ସ୍ଥାନୀୟ ଲୋକେ ସମ୍ପୃକ୍ତ ପିଅନଙ୍କୁ ଧରି ପୋଲିସ ଜିମା ଦେଇଥିଲେ। ଏ ନେଇ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଥାନା ଅଧିକାରୀ ରଶ୍ମିରଞ୍ଜନ ସାହୁ କହିଛନ୍ତି।

## ମହିଳା ଆତ୍ମସୁରକ୍ଷା କୌଶଳ ତାଲିମ ଶିବିର

**ଖଣ୍ଡପଡ଼ା,୧୬।୯(ସ୍ୱ.ପ୍ର.)**

ନୟାଗଡ ସ୍ୱୟଂଶାସିତ ମହାବିଦ୍ୟାଳୟ ଓ ନୀଳମାଧବ ମହାବିଦ୍ୟାଳୟ ମିଳିତ ଆନୁକୂଲ୍ୟରେ କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ସୋମବାର ମହିଳାମାନଙ୍କ ୧୨ ଦିନିଆ ଆତ୍ମସୁରକ୍ଷା କୌଶଳ ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି। କଲେଜ ଉପାଧକ୍ଷ ଈଶ୍ୱର ଚନ୍ଦ୍ର ଦାଶଙ୍କ ସମେତ ଅନ୍ୟ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଅଧାପିକା ଜୟଶ୍ରୀ ସାହୁ, ଅଧାପକ ବଳରାମ ଲେଙ୍କା, ପ୍ରକାଶଚନ୍ଦ୍ର ରାଉତ, ଖବରଦାତା ପ୍ରଭାକର ଶିରୋମଣି ପ୍ରମୁଖ ଆତ୍ମରକ୍ଷା ସମ୍ପର୍କରେ ବିଭିନ୍ନ ଉଦାହରଣ ଦେଇ ଛାତ୍ରୀ, ମହିଳାମାନେ ନିଜକୁ କିପରି ସୁରକ୍ଷିତ ରଖିପାରିବେ ସେ ସମ୍ପର୍କରେ ପରାମର୍ଶ ଦେଇଥିଲେ। ଯୁକ୍ତ ୩ ଶେଷବର୍ଷ ଛାତ୍ରୀ ସ୍ୱାଗତିକା ସାହୁ ଓ ଶୁଭଶ୍ରୀ ସାହୁ ପ୍ରଶିକ୍ଷିକା ଭାବେ ବିଭିନ୍ନ ଡେମୋ ପ୍ରଦର୍ଶନ କରିଥିଲେ। ଏହାସହ ମହିଳାମାନେ ପ୍ରତ୍ୟେକ କ୍ଷେତ୍ରରେ ସେମାନଙ୍କ ଶକ୍ତିର ଉପଯୋଗ କରିବା ପାଇଁ ସେମାନେ ଆହ୍ୱାନ ଦେଇଥିଲେ । ଏନ୍‌ସିସି, ଯୁବ ରେଡ୍‌କ୍ରସ୍, ରୋଭର ରେଞ୍ଜର ଓ ଜାତୀୟ ସେବା ସଂସ୍ଥା କାର୍ଯ୍ୟକ୍ରମ ଅଧିକାରୀ ସରଳା ବେହେରା ଓ କଲ୍ୟାଣୀ ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ଅଧାପିକା ପଣ୍ଡା ଧନ୍ୟବାଦ ଦେଇଥିଲେ ।



ଶିବିରରେ ଯୋଗଦେଇଥିବା ଛାତ୍ରୀମାନେ।

# ମୁଣ୍ଡିଆରେ ଚାଲିଛି ବେଆଇନ ବ୍ଲାଷ୍ଟିଂ



ପଥର ପଡ଼ି ଘରର କାନ୍ଥ ଭାଙ୍ଗି ଯାଇଛି।



ବ୍ଲାଷ୍ଟିଂ କରି ପଥର ଫଟାଯାଇଛି।

**ରଣପୁର,୧୬।୯(ସ୍ୱ.ପ୍ର.)**

ରଣପୁର ତହସିଲ ଚମ୍ପାପେଡି ପଞ୍ଚାୟତ ନାଗଝରି ଗାଁ ପିଲା ମୁଣ୍ଡିଆରେ କମ୍ପ୍ରେସର ଓ ଡିନାମାଇଟ୍ ସାହାଯ୍ୟରେ ବେଆଇନ ଭାବେ ବ୍ଲାଷ୍ଟିଂ ଚାଲିଛି। ଏହା ପ୍ରଭାବରେ ଗ୍ରାମର ଅଧିକାଂଶ ଘରର କାନ୍ଥ ଫାଟିଲାଣି। ଆଜବେଷ୍ଟସ୍ ମଧ କଣା ହେଲାଣି। ପଥରଖଣ୍ଡ ପଡି ୨ମାସରେ ୫ଜଣ ଆହତ ହେଲେଣି। ସ୍ଥାନୀୟ ବାସିନ୍ଦା ବାରମ୍ବାର ତହସିଲ କର୍ତ୍ତୃପକ୍ଷଙ୍କୁ ଏ ସମ୍ପର୍କରେ ଅବଗତ କରାଇଥିଲେ ମଧ ସୁଫଳ ମିଳୁନି। ଶେଷରେ ସେମାନେ ତହସିଲ ଅଫିସ ଘେରିବାକୁ ନିଷ୍ପତ୍ତି ନେଇଛନ୍ତି।

- ■ପଥରଖଣ୍ଡ ପଡ଼ି ଆହତ ହେଉଛନ୍ତି ଲୋକେ
- ■ଅଭିଯୋଗ ସତ୍ତ୍ୱେ ନାହିଁ କାର୍ଯ୍ୟାନୁଷ୍ଠାନ
- ■ତହସିଲ ଅଫିସ୍ ଘେରିବାକୁ ଗ୍ରାମବାସୀଙ୍କ ନିଷ୍ପତ୍ତି

ଅଭିଯୋଗ ଅନୁସାରେ ନାଗଝରି ଗାଁଠାରୁ ପିଲା ମୁଣ୍ଡିଆର ଦୂରତା ମାତ୍ର ୩୦ ମିଟର ହେବ। ପୂର୍ବରୁ ଏଠାରେ ପାହାଡ ନିଲାମଧାରୀ କିଛି ଶ୍ରମିକଙ୍କ ଦ୍ୱାରା ପଥର ଖନନ କରୁଥିଲେ। ଗାଁ ଲୋକେ ବି ଏହାର ପ୍ରତିବାଦ କରୁ ନ ଥିଲେ। ତେବେ ଖୋର୍ଦ୍ଧାରେ ଏସ୍‌ଟିଏଫ୍ ଚଢ଼ାଉ ପରେ ମୁଣ୍ଡିଆରେ ଖଣି ଖନନ ବନ୍ଦ ରହିଛି। ରଣପୁର ଅଞ୍ଚଳରେ ଖଣି ଚାଲିଥିବାରୁ କିଛି ଖଣି ମାଫିଆ ରଣପୁର ମୁହାଁ ହୋଇଛନ୍ତି। ପ୍ରାୟ ୨ମାସ ହେଲା ସେମାନେ ପିଲା ମୁଣ୍ଡିଆରେ ବ୍ଲାଷ୍ଟିଂ କରୁଛନ୍ତି। ନାଗଝରୀରେ ୩୦ ପରିବାରର ୨୦୦ ଆଦିବାସୀ ଲୋକ ବାସ କରନ୍ତି। ବ୍ଲାଷ୍ଟିଂ ଯୋଗୁ ଆଦିବାସୀଙ୍କ ବଞ୍ଚିବା କଷ୍ଟକର ହୋଇପଡିଛି । ପୋଖରୀରେ ଗାଧୋଇବା ବେଳେ ପଥର ଖଣ୍ଡ ପଡୁଛି। ଘରେ ରହିବା ବି ନିରାପଦ ନୁହେଁ। ଆଜବେଷ୍ଟସ୍ କଣା ହୋଇ ପଥର ଖଣ୍ଡ ପଡୁଛି । ଜମିରେ ପଥର ଖଣ୍ଡ ପଡିରହି ଚାଷ ଉପରେ ପ୍ରଭାବ ପକାଇବା ନିଶ୍ଚିତ ହୋଇଛି। ଏ ନେଇ ସୁବଳ ପ୍ରଧାନ ଓ କାର୍ତ୍ତିକ ପ୍ରଧାନ କୁହନ୍ତି, ପିଲା ମୁଣ୍ଡିଆରେ ବିସ୍ଫୋରଣ ଯୋଗୁ ଗାଁଲୋକେ ଭୟଭୀତ। କେତେବେଳେ କାହାର କ'ଣ ହେବ କହିହେବ ନାହିଁ। କାରଣ ପଥର ଛେଲା ଉଡି ପୋଖରୀ, ଘର, ଚାଷଜମିରେ ପଡୁଛି । ୨୦ ଜଣଙ୍କ ଘର ଭାଙ୍ଗି ଗଲାଣି। ଅଭିଯୋଗ କଲେ ସୁଫଳ ମିଳୁନି। ତହସିଲ ଅଫିସ ଘେରି ପ୍ରତିବାଦ କରିବାକୁ ନିଷ୍ପତ୍ତି ହୋଇଛି। ତହସିଲଦାର ସୁଶାନ୍ତ କୁମାର ପତି କୁହନ୍ତି, ୫ ବର୍ଷ ହେଲା ମଝିଆଖଣ୍ଡ ଗାଁର ଜଣେ ଲୋକ ଉକ୍ତ ମୁଣ୍ଡିଆ ନିଲାମ ନେଇଛନ୍ତି। ହେଲେ ବ୍ଲାଷ୍ଟିଂ ପାଇଁ ଅନୁମତି ଦିଆଯାଇନି।

